## ସଂକ୍ଷେପରେ

### ଷ୍ଟେଶନରେ ବସ୍ତ୍ର ଦାନ ଶିବିର

ଅନୁଗୋଳ ଅଫିସ, ୧୦।୧୧- ଅନୁଗୋଳ ରେଳ ଷ୍ଟେଶନ ଠାରେ ନାରାୟଣ ସେବା ପକ୍ଷରୁ ପୁରୁଣା ଓ ନୂଆ ବସ୍ତ୍ର ଦାନ ଶିବିର ଖୋଲାଯାଇଛି। ସହୃଦୟ ବ୍ୟକ୍ତିମାନେ ଏଠାରେ ନୂଆ ଓ ପୁରୁଣା ବସ୍ତ୍ର ପ୍ରଦାନ କରିପାରିବେ। ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନ ଅନୁଗୋଳ ପକ୍ଷରୁ ଏହାର ଆୟୋଜନ କରାଯାଇଛି। ଗତ ୮ ତାରିଖରୁ ଆରମ୍ଭ ହୋଇଥିବା ଏହି ଶିବିର ୧୨ ତାରିଖରେ ଶେଷ ହେବ। ଲୋକମାନେ ପ୍ରଦାନ କରିଥିବା ନୂଆ ଓ ପୁରୁଣା ବସ୍ତ୍ରକୁ ମାନସିକ ବିକାରଗ୍ରସ୍ତ, ଅନାଥ ଶିଶୁ, ଯାଯାବର ଓ ଅନ୍ୟ ପଛୁଆ ବର୍ଗ ଲୋକଙ୍କୁ ପ୍ରଦାନ କରାଯିବ ବୋଲି ଶ୍ରମିକ ସଂଘ ସମ୍ପାଦକ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

### ଦୁଇ ଶିକାରୀ ଗିରଫ

ଅନୁଗୋଳ ଅଫିସ, ୧୦।୧୧- ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟର ଜିଲିଣ୍ଡା ରେଞ୍ଜରେ ଦୁଇମାସ ପୂର୍ବରରୁ ଏକ ଶିକାର ଘଟଣାରେ ଶନିବାର ଦୁଇ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ହୋଇଥିବା ଅଜୁ ମହାକୁଡ଼(୪୫)ଙ୍କ ଘର କଟକ ଜିଲା କୁଞ୍ଜବନପୁର ହୋଇଥିବାବେଳେ କୁଶ ଦଳେଇ(୩୫)ଙ୍କ ଘର କଟକ ଜିଲା ମହିଗଡ଼ ଅଞ୍ଚଳରେ। ପୂର୍ବରୁ ଜଣେ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ଅଜୁ ଓ କୁଶ ଫେରାର ଥିଲେ।

### ପୋଖରୀରେ ବୁଡ଼ି ଯୁବକ ମୃତ

ଛେଣ୍ଡିପଦା,୧୦।୧୧(ସ୍ୱ.ପ୍ର.)- ଛେଣ୍ଡିପଦା ଥାନା ବାଗଡିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଥିବା ପୋଖରୀରେ ବୁଡି ଶନିବାର ବାଗଡିଆ ପଞ୍ଚାୟତ ବଣିଆନଟି ସାହିର ଶରତ ଗୋଛାୟତ (୪୬)ଙ୍କ ମୃତ୍ୟୁ ହୋଇଛି। ଶରତ ପୋଖରୀରେ ବୁଡି ଯାଉଥିବା ଦେଖି ସେହି ଗ୍ରାମର ରାଜୁ ଗୋଛାୟତ ସ୍ଥାନୀୟ ଲୋକଙ୍କୁ ଖବର ଦେଇଥିଲେ। ରାସ୍ତାରେ ଯାଉଥିବା ମେଘନା ନାୟକ ଶରତଙ୍କୁ ଉଦ୍ଧାର କରି ବାଗଡିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ନ ଥିବାରୁ ଦମକଳ ବାହିନୀ ସହାୟତାରେ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଛେଣ୍ଡିପଦା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ବୋଇତ ବନ୍ଦାଣ ମହୋତ୍ସବର ଦ୍ୱିତୀୟ ଦିବସ

# ମନମୋହିଲା ଦଳଗତ ଲୋକନୃତ୍ୟ

ଅନୁଗୋଳ ଅଫିସ, ୧୦।୧୧

ସେବା ଓ ସାଂସ୍କୃତିକ ଅନୁଷ୍ଠାନ 'କଳାକାର' ପକ୍ଷରୁ ଆୟୋଜିତ ୩୪ତମ ବୋଇତ ବନ୍ଦାଣ ମହୋତ୍ସବର ରବିବାର ଥିଲା ଦ୍ୱିତୀୟ ଦିବସ। ଏହି ଅବସରରେ ଅନୁଷ୍ଠିତ ଲୋକନୃତ୍ୟ ଦର୍ଶକଙ୍କ ମନକୁ ବେଶ୍ ଛୁଇଁପାରିଥିଲା। ସକାଳୁ କୁନି କୁନି ଚିତ୍ରଶିଳ୍ପୀମାନେ ରଙ୍ଗ ତୂଳୀରେ ସୃଷ୍ଟି କରିଥିବା ଚିତ୍ରକଳା ଜୀବନ୍ତ ହୋଇପାରିଥିଲା। ସେହିପରି ଝୋଟି, ରଙ୍ଗୋଲି ପ୍ରତିଯୋଗିତା ମଧ୍ୟ ବେଶ୍ ପ୍ରଶଂସା ସାଉଣ୍ଟିଥିଲା। ଚିତ୍ରଶିଳ୍ପୀ ଗୁରୁ ପ୍ରଶାନ୍ତ କୁମାର ଦାସ ଓ ସୁବାଶିଷ ସାହୁ ବିଚାରକ ଭାବେ ଯୋଗ ଦେଇଥିଲେ। ଅପରାହ୍ନରେ ଅନୁଷ୍ଠିତ ତାଳବାଦ୍ୟ ସର୍ବକନିଷ୍ଠ ବିଭାଗ ସହ ତାଳବାଦ୍ୟ କନିଷ୍ଠ, ସୁରବାଦ୍ୟ, ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ସାଂସ୍କୃତିକ ସନ୍ଧ୍ୟାରେ ପୌରପାଳିକାର ପୂର୍ବତନ ନଗରପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ମହୋତ୍ସବ ଜିଲା ତଥା ରାଜ୍ୟର କଳାକାରମାନଙ୍କୁ ଗୋଟିଏ ମଞ୍ଚରେ ଏକାଠି କରିବାର ଏକ ସ୍ୱାଗତଯୋଗ୍ୟ କାର୍ଯ୍ୟକ୍ରମ ବୋଲି କହିଥିଲେ। ପରେ ସମ୍ବଲପୁରରୁ ଆସିଥିବା ଗୁରୁ ନୀଳିମା ପଣ୍ଡା, ଗୁରୁ ଜ୍ଞାନରଞ୍ଜନ ମହାପାତ୍ର, ଗୁରୁ ସମରେନ୍ଦ୍ର ନାୟକ, ଗୁରୁ ତ୍ରିଲୋଚନ ତ୍ରିପାଠୀଙ୍କୁ କଳାକାରର ସଭାପତି ଭୂପେଶ ଚନ୍ଦ୍ର ପ୍ରଧାନ ସମ୍ମାନିତ କରିଥିଲେ। କୁନି କୁନି କଳାକାରମାନଙ୍କ ମନଛୁଆଁ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ହୃଦୟକୁ ସ୍ପର୍ଶ କରିଥିଲା। ଏହାପରେ ଦଳଗତ ଲୋକନୃତ୍ୟ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଶହ ଶହ ଦର୍ଶକ ଲୋକନୃତ୍ୟକୁ ଉପଭୋଗ କରିବା ସହ କୁନି କୁନି କଳାକାରମାନଙ୍କୁ ପ୍ରଶଂସା କରିଥିଲେ। ସମ୍ପାଦକ ବିଭୂତି ଭୂଷଣ ମହାପାତ୍ର ଓ କଳାକାରର ସଦସ୍ୟମାନେ ସହଯୋଗ କରୁଛନ୍ତି।



ଶିଶୁ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ୨୪ରେ ନବକୃଷ୍ଣ ଚୌଧୁରୀ ଜନସେବା ସମ୍ମାନ ପ୍ରଦାନ

ଅନୁଗୋଳ ଅଫିସ, ୧୦।୧୧

ଅନୁଗୋଳସ୍ଥିତ ଉତ୍କଳ ନବଜୀବନ ମଣ୍ଡଳଠାରେ ଜିଲା ସାହିତ୍ୟ ସଂସଦ ପକ୍ଷରୁ ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉପସ୍ଥିତ ସଦସ୍ୟମାନଙ୍କ ଆଲୋଚନା ପରେ ଚଳିତବର୍ଷ ପାଇଁ ନବକୃଷ୍ଣ ଚୌଧୁରୀ ଜନସେବା ସମ୍ମାନ ସାମାଜିକ କର୍ମୀ ଗୋଲଖ ଚରଣ ପାତ୍ରଙ୍କୁ ପ୍ରଦାନ କରାଯିବ ବୋଲି ସ୍ଥିର ହୋଇଥିଲା। ଆସନ୍ତା ୨୪ ତାରିଖ ଜିଲା ଲାଇବ୍ରେରୀ ଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ସମ୍ମାନରେ ଏହି ସମ୍ମାନ ପ୍ରଦାନ କରାଯିବ। ସେହିପରି ସାହିତ୍ୟ ସଂସଦର ଏକ ବିଶେଷ କାର୍ଯ୍ୟକ୍ରମ ଡିସେମ୍ବର ୨୨ରେ ନନ୍ଦପୁରର କଳିଙ୍ଗ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ରାଧାକାନ୍ତ ମହାନ୍ତି ସୂଚନା ଦେଇଛନ୍ତି। ଏହି ବୈଠକରେ କ୍ରିଷ୍ଣା ମହାନ୍ତି, ପ୍ରାଧ୍ୟାପକ ଶାନ୍ତନୁ କୁମାର ସର, କବି ହାଡ଼ିବନ୍ଧୁ ମିଶ୍ର, ବନମାଳୀ ବେହେରା, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଅରୁଣ କୁମାର ସାହୁ, ସରୋଜିନୀ ଦେଇ, ଦୀପ୍ତିମୟୀ ବିଶ୍ୱାଳ, ଲତିକା ମହାପାତ୍ର, ପ୍ରେମଲତା ସାହୁ, ଧନେଶ୍ୱର ସାହୁ ଓ ଦଧିବାମନ ପ୍ରଧାନ, ଶିବରାମ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷା ନ ଥିଲେ ପରିଚୟ ନାହିଁ



ଅତିଥିମାନେ ବିଧାୟକଙ୍କୁ ସ୍ୱାଗତ କରୁଛନ୍ତି।

ବଇଣ୍ଡା,୧୦।୧୧(ଡି.ଏନ.ଏ.)

ଶିକ୍ଷାର ବିକାଶ ପାଇଁ ସରକାର ଯୋଜନା ପରେ ଯୋଜନା କରୁଥିଲେ ବି ଗ୍ରାମାଞ୍ଚଳର ଅନେକ ଶିଶୁ ପାଠପଢାରୁ ବଞ୍ଚିତ ହେଉଛନ୍ତି। ଯେଉଁ ଦେଶରେ ଶିକ୍ଷାର ବିକାଶ ନାହିଁ, ସେହି ଦେଶର ପରିଚୟ ନାହିଁ। ତେଣୁ ଛାତ୍ରୀଛାତ୍ରମାନେ କିଭଳି ଭଲ ମଣିଷ ହେବେ ଓ ସେମାନଙ୍କୁ ଭଲ ଶିକ୍ଷାଦାନ ଦିଆଯିବ ସେଥିପ୍ରତି ଶିକ୍ଷକ ସମାଜ ଅଧିକ ଗୁରୁତ୍ୱ ଦିଅନ୍ତୁ। ରବିବାର କିଶୋରନଗର ବ୍ଲକ ନାକିଚି ହାଇସ୍କୁଲଠାରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଏହି ମତ ପ୍ରକାଶ କରିଛନ୍ତି। ସଂଘ ସଭାପତି ହରିବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ କିଶୋରନଗର ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, ନାକିଚି ହାଇସ୍କୁଲ ପ୍ରଧାନ ଶିକ୍ଷକ ଅମରେଶ ପ୍ରଧାନ, ଉଦିତ କୁମାର ପ୍ରଧାନ, ଦିଲୀପ କୁମାର ପ୍ରଧାନ, ଗୁଣନିଧି ସାହୁ, ସୁରେଶ ଚନ୍ଦ୍ର ସାହୁ, ଶରତ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସଂଘ ସମ୍ପାଦକ ଭବାନୀଶଙ୍କର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଭୈରବ ଦେହୁରି ଧନ୍ୟବାଦ ଦେଇଥିଲେ।

# ସୋଲାର ଲାଇଟ୍ ବ୍ୟାଟେରି ଚୋରି ଅଭିଯୋଗ

ବନ୍ତଳା,୧୦।୧୧(ଡି.ଏନ.ଏ.)

ଅନୁଗୋଳ ବ୍ଲକ ବନ୍ତଳା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଲଗାଯାଇଥିବା ସୋଲାର ଲାଇଟ୍‌ର ବ୍ୟାଟେରି ଚୋରି ହୋଇଥିବା ରବିବାର ବହୁ ଗ୍ରାମବାସୀ ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗରୁ ପ୍ରକାଶ ଯେ, ଗଡ଼ତରାସ ପଞ୍ଚାୟତ ଜାମୁଣ୍ଡା ଗ୍ରାମର ଉପ୍ରା ବିଦ୍ୟାଳୟରେ ଲାଗିଥିବା ସୋଲାର ଲାଇଟରୁ ବ୍ୟାଟେରି ଚୋରି ହୋଇଛି। ସେହିପରି ଜାମୁଣ୍ଡା ମଶାଣି, କୁଳିଆପସି ମଝିସାହି, ଖିଣ୍ଡା ପଞ୍ଚାୟତ ବଣାମୀରା ମେଡିକାଲ ନିକଟ, ତାଳପଦା ରାମ ମନ୍ଦିର, ଚଟିଆଗଜି ପୋଖରୀ, ଜାମୁଗାଡ଼ିଆ ଠାକୁରାଣୀ, ବେଡା ଶାସନ ବିଦ୍ୟାଳୟ ସମ୍ମୁଖ, ଦୋଳମଣ୍ଡପ, ହରିଜନସାହି, ବନ୍ତଳା ଗ୍ୟାସ ଗୋଦାମ ସମ୍ମୁଖ, ଜରାଓରପୁର ତେଲ ଟାଙ୍କି ସମ୍ମୁଖ ଆଦି ୧୨ରୁ ଊର୍ଦ୍ଧ୍ୱ ସ୍ଥାନରୁ ଦୁର୍ବୃତ୍ତମାନେ ସୋଲାର ଲାଇଟ ବ୍ୟାଟେରି ଚୋରାଇ ନେଇଛନ୍ତି। ଏସବୁ ସ୍ଥାନ ରାତିରେ ଅନ୍ଧାରରେ ରହୁଥିବାରୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



# ପ୍ରତିଷ୍ଠା ଦିବସରେ ୧୮୭ ୟୁନିଟ୍ ରକ୍ତ ସଂଗ୍ରହ

ଅନୁଗୋଳ ଅଫିସ, ୧୦।୧୧

ଆଠମଲ୍ଲିକ ବ୍ଲକ ଠାକୁରଗଡର ସାମାଜିକ ସଙ୍ଗଠନ ଠାକୁରଗଡ ୟୁଥ୍ ପାୱାର ପକ୍ଷରୁ ପ୍ରତିଷ୍ଠା ଦିବସ ଅବସରରେ ଏକ ରକ୍ତଦାନ ଶିବିର ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ଚିତ୍ତରଞ୍ଜନ ସେନାପତି, ଆଠମଲ୍ଲିକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ଆଚାର୍ଯ୍ୟ, ଆଠମଲ୍ଲିକ ଭାରପ୍ରାପ୍ତ ତହସିଲଦାର ଅଶୋକ କୁମାର ଦେହୁରୀ, ରକ୍ତ ଭଣ୍ଡାରର ମୁଖ୍ୟ ଡ. ସୁନୀଲ ପଣ୍ଡା, ଠାକୁରଗଡ ଥାନା ଭାରପ୍ରାପ୍ତ ଅଧିକାରୀ ଜି. ନାଏକ ପ୍ରମୁଖ ଯୋଗଦେଇ ଜନକଲ୍ୟାଣ କାର୍ଯ୍ୟରେ ଉତ୍ସର୍ଗୀକୃତ ହେବା ପାଇଁ ସମସ୍ତ ସଦସ୍ୟଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମୋଟ୍ ୧୮୭ ୟୁନିଟ୍ ରକ୍ତ ସଂଗ୍ରହ ସହ ସଙ୍ଗଠନର ଲୋଗୋ, ପୋଷାକ ଓ ପରିଚୟପତ୍ର ଉନ୍ମୋଚନ କରାଯାଇଥିଲା। ସାମାଜିକ କର୍ମୀ ତଥା ପ୍ରତିଷ୍ଠାତା ଶଶାଙ୍କ ଶେଖର ପ୍ରଧାନ, ସଭାପତି ସୁନୀଲ କୁମାର ସାହୁ, ଉପସଭାପତି ଦିଲୀପ କୁମାର ଖୁଣ୍ଟିଆ, ସମ୍ପାଦକ ଶୁଭକାନ୍ତ ପ୍ରଧାନ, କୋଷାଧ୍ୟକ୍ଷ ସୌରଭ ମିଶ୍ର ଓ ସମସ୍ତ ସଦସ୍ୟ ଅଞ୍ଚଳର ଉନ୍ନତି ଏବଂ ସମାଜସେବା ପାଇଁ ଶପଥ ନେଇଥିଲେ।



ଠାକୁରଗଡ ୟୁଥ୍ ପାୱାରର କର୍ମକର୍ତ୍ତା ଓ ସଦସ୍ୟମାନେ।

# ବଡ଼ଓଷା ପାଇଁ ପରିବେଶ ଉତ୍ସବମୁଖର



ବଅଁରପାଳ ଅଞ୍ଚଳର ଯୁବତୀମାନେ ବଡ଼ଓଷା ଅବସରରେ ଭୋଗ ପ୍ରସ୍ତୁତ କରୁଛନ୍ତି।

ଛେଣ୍ଡିପଦା/ ବଅଁରପାଳ,୧୦।୧୧(ଡି.ଏନ.ଏ.)

ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ରବିବାର ଧବଳେଶ୍ୱର ଠାକୁରଙ୍କ ବଡ଼ ଓଷା ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ରୀତିନୀତି ଅନୁଯାୟୀ ମହାଦେବଙ୍କ ପୂଜାନୀତି କରାଯାଇଥିଲା। ବହୁ ଶ୍ରଦ୍ଧାଳୁ ପୂର୍ବ ମାନସିକ ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ଏହାସହିତ ବଡ଼ ଓଷା ଭୋଗ ପ୍ରସ୍ତୁତି କରାଗଲା ପରେ ଠାକୁରଙ୍କ ପାଖରେ ଲାଗି କରାଯାଇଥିଲା। ବିଶେଷକରି ଛେଣ୍ଡିପଦା ଶିବ ମନ୍ଦିର, ବାଗେଡିଆ, ଖମାର, ମାଛକୁଟା, ବ୍ରାହ୍ମଣବିଲ, ବାଲିପଟା, କୋରଡା, ଝିଣ୍ଟିପାଳ ଅଷ୍ଟଶମ୍ଭୁ ମହାଦେବ ମନ୍ଦିର, କଙ୍କରେଇ, ନତଡା, କୋଶଳା ଆଦି ସ୍ଥାନରେ ଥିବା ସମସ୍ତ ଶୈବପୀଠରେ ଏହି ଉତ୍ସବ ଧୁମଧାମରେ ପାଳିତ ହୋଇଛି। ଅନ୍ୟପକ୍ଷରେ ଦୁର୍ଗାପୁର, ବନ ଦୁର୍ଗାପଡା, ଜେରେଙ୍ଗ, ଭାଗୀରଥିପୁର, ଜେରେଙ୍ଗ ନୂଆସାହି, ଲକ୍ଷ୍ମୀଧରପୁର, ଛେଣ୍ଡିପଦା, କୋଶଳା, କମ୍ପସଲା ଆଦି ସ୍ଥାନରେ ପଞ୍ଚୁକ ଉତ୍ସବ ପାଳନ କରାଯାଉଥିବା ଜଣାପଡିଛି।

ସେହିପରି ବଅଁରପାଳ ବ୍ଲକ କୁଲାଡ଼ ସାମଲ ସାହିଠାରେ ରବିବାର ବଡ଼ଓଷା ପାଳିତ ହୋଇଛି। ମହିଳା ଓ ଯୁବତୀମାନେ ଏକତ୍ରିତ ହୋଇ ଏହି ଓଷାବ୍ରତକୁ ପାଳନ କରିଥିଲେ। ସମସ୍ତେ ଓଷାକୋଠି ଠାରେ ଏକାଠି ବଡ଼ଓଷା ଭୋଗ ତିଆରି କରିଥିଲେ। ଏହି ଅବସରରେ ହୋମଯଜ୍ଞ, ନାମ ସଂକୀର୍ତ୍ତନ, ପ୍ରସାଦସେବନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବବି ସାମଲ, ମମି ସାମଲ, ଦେଜିନା ସାମଲ, ଶୈଳ ସାମଲ, ସୀମା ସାମଲ, ବର୍ଷା ସାମଲ, ସୁଫଳା ସାମଲ ପ୍ରମୁଖ ସହଯୋଗ କରିଥିଲେ।

## କାର୍ତ୍ତିକେଶ୍ୱର ପାଇଁ ଝଲସୁଛି ତାଳଚେର

# ୨୨ ମଣ୍ଡପରେ ଚାଲିଛି ପୂଜାର୍ଚ୍ଚନା






ତାଳଚେର,୧୦।୧୧(ନି.ପ୍ର.):

ତାଳଚେର ସହରରେ ଚଳିତବର୍ଷ ୨୨ଟି ମଣ୍ଡପରେ କାର୍ତ୍ତିକେଶ୍ୱର ପୂଜା ମହାସମାରୋହରେ ଚାଲିଛି। ବିଭିନ୍ନ ପୂଜା କମିଟି ସଦସ୍ୟ ବ୍ରାହ୍ମଣୀ ନଦୀରୁ ଶୋଭାଯାତ୍ରାରେ ପାଣି ଆଣି ମଣ୍ଡପରେ ସ୍ଥାପନ କରିଥିଲେ। ବଡଦାଣ୍ଡସାହି, ପାଇକସାହି, ସିଂହସାହି, ମାଳିସାହି, ନୂଆଦେଉଳ, ବିରାଦରପଡା, ମ୍ୟୁନିସିପାଲିଟି ବଜାର, ଚିତ୍ରକୂଟ ବଜାର, ଜେଲରୋଡ୍, ବାପୁଜୀନଗର, କାରିଗରପଡା, ବଉଳଛକ, କିଶୋରଗଞ୍ଜପାଟଣା, ଜାମ୍ବୁବଣିଆସାହି, କୁମ୍ଭାରସାହି, ଭୈରବୀସାହି, ଅରାସାହିରେ ପୂଜା ଧୁମ୍‌ଧାମରେ ପାଳନ ହେଉଛି। ମଣ୍ଡପଗୁଡିକର ସାଜସଜ୍ଜା ଅତ୍ୟନ୍ତ ଆକର୍ଷଣୀୟ ଭାବେ କରାଯାଇଛି। ଚାରିଆଡେ ରଙ୍ଗବେରଙ୍ଗର ଆଲୋକମାଳା ସହରର ସୁନ୍ଦରତା ବଢ଼ାଇ ଦେଇଛି। ଆଗାମୀ ୧୭ ତାରିଖରେ ପୂଜା ଶେଷ ହେବା ସହ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ବଡଦାଣ୍ଡସ୍ଥିତ ମେଲଣ ପଡିଆରେ ସମସ୍ତ ମେଢ ଏକତ୍ରିତ ହେବା ପରେ ଶୋଭାଯାତ୍ରାରେ ସହର ପରିକ୍ରମା କରି ବିସର୍ଜନ ପାଇଁ ଯିବ ବୋଲି ପୂଜା କମିଟି ସୂତ୍ରରୁ ପ୍ରକାଶ।






## ସଂକ୍ଷେପରେ

### ଫେରାର ଅଭିଯୁକ୍ତ ଗିରଫ



ଛେଣ୍ଡିପଦା,୧୦।୧୧(ସ୍ୱ.ପ୍ର.)- ଦୀର୍ଘଦିନ ଧରି ଫେରାର ଥିବା ଅଭିଯୁକ୍ତ ପ୍ରଦୀପ ଦାସଙ୍କୁ ଛେଣ୍ଡିପଦା ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ କହିଛି, ଗଡମଣ୍ଡଳ ଛକ ନିକଟରେ ୨୦୧୩ରେ ଏକ ଟ୍ରାକ୍ଟରରୁ ୧ କୁଇଣ୍ଟାଲ ୨୦ କିଗ୍ରା ଗଞ୍ଜେଇ ପୋଲିସ ଜବତ କରାଯାଇଥିଲା। ଏ ନେଇ ୪ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ଏହାମଧ୍ୟରେ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ଅନ୍ୟତମ ଅଭିଯୁକ୍ତ ପ୍ରଦୀପ ଦୀର୍ଘଦିନ ହେବ ଫେରାର ହୋଇଯାଇଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଛେଣ୍ଡିପଦା ଥାନା ଅଧିକାରୀ ସତ୍ୟବ୍ରତ ରାଉତ ଚଢ଼ାଉ କରି ପ୍ରଦୀପଙ୍କୁ ଗିରଫ କରିଛନ୍ତି।

### ଟ୍ରେଲର ଧକ୍କାରେ ଜଣେ ମୃତ

ବଣ୍ଡଁରପାଳ,୧୦।୧୧(ଡି.ଏନ.ଏ.)- ବଣ୍ଡଁରପାଳ ଥାନା ୫୫ନଂ. ଜାତୀୟ ରାଜପଥର ଆଶା ଟକିଜ ସମ୍ମୁଖରେ ରବିବାର ଏକ ଟ୍ରେଲର ଧକ୍କାରେ ବନ୍ଧା ପଞ୍ଚାୟତ ଝଜିରିବାହାଳ ଗ୍ରାମର ଜଟିଆ ଗୋଛାୟତ (୫୫) ପ୍ରାଣ ହରାଇଛନ୍ତି। ଜଟିଆ ଦିନମଜୁରି କାମ ସାରି ଘରକୁ ଫେରୁଥିବା ସମୟରେ ଏକ ଟ୍ରେଲର (ନଂ. ଏନଏଲ୦୧କ୍ୟୁ-୯୧୩୬) ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ବଣ୍ଡଁରପାଳ ପୋଲିସ ପହଞ୍ଚି ବୁଝାଶୁଝା କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

### ସଙ୍କୁଳସ୍ତରୀୟ ପ୍ରତିଯୋଗିତାରେ ୧୯୫ ପ୍ରତିଯୋଗୀ

ପବିତ୍ରନଗର,୧୦।୧୧(ଡି.ଏନ.ଏ.)- ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଶିଶୁ ମନ୍ଦିରଠାରେ ଶନିବାର ଦୀପଶିଖା ସଙ୍କୁଳସ୍ତରୀୟ ଷଷ୍ଠ ବାର୍ଷିକ ଖେଳକୁଦ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଣିହାଁ ଓ ପାଲଲହଡା ବ୍ଲକର ୧୧ଟି ଶିଶୁ ମନ୍ଦିରର ୧୯୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶିଶୁ, ବାଲ ଓ କିଶୋର ବର୍ଗରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ କୁମାର ପାଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅକ୍ଷୟ କୁମାର ସାମଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମଲସ୍ଥିତ ମିନି ଷ୍ଟାଡିୟମରେ ଏହି କ୍ରୀଡା ପ୍ରତିଯୋଗିତା ଗୁଡିକ ଅନୁଷ୍ଠିତ ହୋଇଥିଲା। ସଙ୍କୁଳ କ୍ରୀଡା ପ୍ରମୁଖ ସୁଦର୍ଶନ ସାହୁ, ସମସ୍ତ ବିଦ୍ୟାଳୟର କ୍ରୀଡା ଶିକ୍ଷକ ପରିଚାଳନା କରିଥିଲେ। ବିଦ୍ୟାଳୟ ପରିସରରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ହରିହରପୁର ସରପଞ୍ଚ ବିଜୟ ପ୍ରଧାନ, ସମ୍ମାନିତ ଅତିଥି ସଙ୍କୁଳ ପ୍ରମୁଖ ବିଶ୍ୱନାଥ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ଉପ ସଭାପତି ଅଭୟ କୁମାର ବେହେରା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମଲ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ କୁମାର ରାଉତ, ସମସ୍ତ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ, ବିଦ୍ୟାଳୟର ଗୁରୁମା ଗୁରୁଜୀ ସହଯୋଗ କରିଥିଲେ।

### ହନୁମାନ ମନ୍ଦିର ବାର୍ଷିକ ପୂଜା ଉତ୍ସବ

ଛେଣ୍ଡିପଦା,୧୦।୧୧(ଡି.ଏନ.ଏ.)- ଛେଣ୍ଡିପଦା-ଜରପଡା ପୂର୍ତ୍ତ ବିଭାଗ ରାସ୍ତାର ଦୁର୍ଗାପୁର ଘାଟିଠାରେ ଥିବା ହନୁମାନ ମନ୍ଦିରରେ ବାର୍ଷିକ ପୂଜା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯଥାବିଧି ପୂଜାର୍ଚ୍ଚନା ସହ ଅଧିବାସ, ହୋମଯଜ୍ଞ, ନାମ ସଂକୀର୍ତ୍ତନ, ୧୦୮ ହନୁମାନ ଚାଳିଶା ପାଠ ଆଦି କରାଯାଇଥିଲା। ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଏଥିରେ ଯୋଗ ଦେଇଥିଲେ। ସ୍ଥାନୀୟ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ସମସ୍ତ ଅଞ୍ଚଳବାସୀ ସହଯୋଗ କରିଥିଲେ।

## ଅନୁଗୋଳ ପୋଲିସ ହାତରେ ୮ ଜଣିଆ ଗ୍ୟାଙ୍ଗ

# ୩ ଘରେ ବୁଲାଇଥିଲେ କଳାକନା

**ଅନୁଗୋଳ ଅଫିସ, ୧୦।୧୧**

- ଲ୍ୟାପଟପ୍, ଟିଭି ସହ ସୁନା, ରୁପା ଜବତ
- ଦିନବେଳା ମଜୁରିଆ ଭାବେ କାମ କରୁଥିଲେ
- ରାତିରେ ତାଲା ପଡ଼ିଥିବା ଘରକୁ ଟାର୍ଗେଟ୍ କରୁଥିଲେ



ଅନୁଗୋଳ ପୋଲିସ ସହ ଗିରଫ ୮ ଦୁର୍ବୃତ୍ତ।

ସହରର ବିଭିନ୍ନ ସ୍ଥାନରୁ ଚୋରି କରି ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିବା ଏକ ୮ ଜଣିଆ ଗ୍ୟାଙ୍ଗକୁ ଧରିବାରେ ସଫଳତା ପାଇଛି ଅନୁଗୋଳ ପୋଲିସ। ସେମାନଙ୍କ ନିକଟରୁ ଗୋଟିଏ ସୁନା ହାର, ମୁଦି, ମଙ୍ଗଳସୂତ୍ର, ୪ଟି ଏଲଇଡି ଟିଭି, ଗୋଟିଏ ଲ୍ୟାପଟପ୍, ୩ଟି ମୋବାଇଲ, ଗୋଟିଏ ରୁପା ବ୍ରେସ୍‌ଲେଟ୍ ଓ ପାଉଁଜି ସହ ୨,୨୫୦ ଟଙ୍କା ଜବତ କରାଯାଇଛି। ପଚରାଉଚରା ପରେ ତିନୋଟି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ବେଲଗୁଣ୍ଠ ଗ୍ରାମର ମନୋଜ ନାଏକ(୨୮), ବାବୁଲି ଭୋଇ(୨୮), ମହେଶ୍ୱର ନାଏକ(୨୦), କାଳିଆ ଓରଫ ସୁଶାନ୍ତ ଭୋଇ(୩୦), ଜୁଆଙ୍ଗ ଭୋଇ(୫୦), ଜିତୁ ଓରଫ ଜିତେନ୍ଦ୍ର ସିଙ୍ଗିରିଆ(୨୧)ଙ୍କ ସହ ପୁରୁଣାକୋଟ ଥାନା ଗୋଠଭୂଇଁ ଅଞ୍ଚଳର କାହ୍ନୁ ଭୋଇ(୨୫), ହିନ୍ଦୋଳ ଥାନା କର୍ଣ୍ଣପୁରର ଶତ୍ରୁ ସାହୁ (୫୫)ଙ୍କୁ ଗିରଫ କରି ରବିବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି। ଗତ ୨୪ ତାରିଖରେ ହୋଇଥିବା ମାମଲା ନଂ ୮୭୬ର ତଦନ୍ତ ବେଳେ ପୋଲିସ ଏହି ଗ୍ୟାଙ୍ଗ ସମ୍ପର୍କରେ ସୂଚନା ପାଇଥିବା ଜଣାପଡ଼ିଛି।

ପୋଲିସ କହିଛି, ଏହି ୮ ଜଣିଆ ଗ୍ୟାଙ୍ଗ ମାତ୍ର ୧୯ ଦିନରେ ପ୍ରଗତି ନଗରର ଦୁଇଟି ଘର ଓ ସୌଭାଗ୍ୟ ନଗରର ଗୋଟିଏ ଘରେ କଳାକନା ବୁଲାଇଥିଲେ। ଗିରଫ ଅଭିଯୁକ୍ତମାନେ ଦିନବେଳା ମଜୁରିଆ ଭାବେ କାମ କରୁଥିବାବେଳେ ଅପରାହ୍ନରେ ମେଳି ବାନ୍ଧି ବିଭିନ୍ନ ଅଞ୍ଚଳକୁ ଯାଇ ତାଲା ପଡ଼ିଥିବା ଘରକୁ ଟାର୍ଗେଟ କରିବା ସହ ରାତିରେ କବାଟ, ଗ୍ରୀଲ ଭାଙ୍ଗି ଚୋରି କରୁଥିଲେ। ଗତ ଅକ୍ଟୋବର ୧୦ ତାରିଖରେ ପ୍ରଗତି ନଗରରେ ରହୁଥିବା ସୁବାସ ସାହୁଙ୍କ ଘରେ ପ୍ରଥମେ ଚୋରି କରିଥିଲେ। ଏ ନେଇ ଅଭିଯୋଗ ପରେ ପୋଲିସ ନଂ. ୮୨୦/୧୯ରେ ମାମଲା ରୁଜୁ କରି ତଦନ୍ତ ଚଲାଇଥିଲା। ଏହି ଘଟଣାରେ ବେଲଗୁଣ୍ଠ ଗ୍ରାମର ମହେଶ୍ୱର, କାଳିଆ ଓରଫ ସୁଶାନ୍ତ, ଜୁଆଙ୍ଗ ସାମିଲ ଅଛନ୍ତି। ସୁବାସଙ୍କ ଘରୁ ଚୋରି ହୋଇଥିବା ରୁପା ବ୍ରେସଲେଟ, ପାଉଁଜି, ସୁନାମୁଦି, କସମେଟିକ୍ ଓ ୫ଶହ ଟଙ୍କା ଜବତ କରାଯାଇଛି। ସେହିପରି ପ୍ରଗତିନଗରରେ ରହୁଥିବା ଜଳଧର ପ୍ରଧାନଙ୍କ ଘରୁ ଗତ ୨୩ ତାରିଖରେ ସୁନା ଚେନ୍, ମୁଦି, ଲ୍ୟାପଟପ୍, ଟିଭି, ରୁପାର ମେମୋଣ୍ଟ ଓ କପଡ଼ା ଚୋରି ହୋଇଥିବା ଅଭିଯୋଗ ପରେ ନଂ. ୮୭୬/୧୯ରେ ମାମଲା ରୁଜୁ କରାଯାଇଥିଲା। ଏହି ଘଟଣାରେ କାହ୍ନୁ, ମନୋଜ, ଶତ୍ରୁ ଓ ବାବୁଲିଙ୍କ ସମ୍ପୃକ୍ତି ରହିଛି। ଜଳଧରଙ୍କ ଘରୁ ଚୋରି ଗୋଟିଏ ଟିଭି, ଲ୍ୟାପଟପ୍, ମୋବାଇଲ ଓ ଦୁଇଟି ରୂପାର ଉପଢ଼ୌକନ ଜବତ କରାଯାଇଛି। ଗତ ୨୯ ତାରିଖରେ ସୌଭାଗ୍ୟ ନଗରରେ ଭଡ଼ାରେ ରହୁଥିବା ଦୁର୍ଯ୍ୟୋଧନ ସାହୁଙ୍କ ଘରୁ ମଧ୍ୟ ଚୋରି ହୋଇଥିବା ନେଇ ଥାନାରେ ମାମଲା ରୁଜୁ ହୋଇଥିଲା। ପୋଲିସ ନଂ. ୮୯୬/୧୯ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଏହି ଘଟଣାରେ ମହେଶ୍ୱର, କାହ୍ନୁ ଓ ଜିତୁଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି। ସେମାନଙ୍କ ନିକଟରୁ ଗୋଟିଏ ସୁନା ହାର ଓ ୧୭୨୦ ଟଙ୍କା ଜବତ କରାଯାଇଛି। ସ୍ପେଶାଲ ସ୍କ୍ୱାଡ୍ ଏସ୍‌ଆଇ ଦୀନକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଓ ଅନୁଗୋଳ ପୋଲିସର ଟିମ୍ ମିଳିତ ଚଢ଼ାଉ କରି ଦୁର୍ବୃତ୍ତମାନଙ୍କୁ ଧରିଥିବା ବେଳେ ଏସ୍‌ଆଇ ବିପ୍ଳବ ସାହୁ, ତୁଷାର ମହାନ୍ତି ଓ ଏଏସ୍‌ଆଇ ଜୟଚନ୍ଦ୍ର ସାହୁ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।



ଦୁର୍ବୃତ୍ତମାନଙ୍କଠାରୁ ଜବତ ହୋଇଥିବା ସୁନା ଓ ରୁପା ଗହଣା।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।

ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍

www.dharitri.com/category/selfie/

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : dklselfie@gmail.com




@ ଚିନ୍ମୟ



@ ରବି



@ ସତୀଶ

## ଅନୁଗୋଳ ମଣ୍ଡଳ ପକ୍ଷରୁ ପାଲା ସମ୍ମିଳନୀ



**ଅନୁଗୋଳ ଅଫିସ, ୧୦।୧୧**

ଶ୍ରୀ ନୀଳାଚଳ ନିଖିଳଉତ୍କଳ ପାଲା ପରିଷଦ ଅନୁଗୋଳ ଜିଲା ଶାଖା ଅନୁଗୋଳ ମଣ୍ଡଳର ୨୬ତମ ପାଲା ସମ୍ମିଳନୀ ସାନହିଂସର ଗ୍ରାମ କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ସଂଘର ସାଂସ୍କୃତିକ ସମ୍ପାଦକ ଶିବ ପ୍ରସାଦ ଦ୍ୱିବେଦୀଙ୍କୁ ମଣ୍ଡଳ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରକାଶ ପାଗଳ, ପ୍ରଭାତ ପଟ୍ଟନାୟକ ଓ ଶିବ ପ୍ରସାଦ ଦ୍ୱିବେଦୀ ପାଲା ପରିବେଷଣ କରିଥିଲେ। ଏହି ସମ୍ମିଳନୀକୁ ଜିଲା ସଂଘର ମୁଖ୍ୟ ଉପଦେଷ୍ଟା ଅଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ ଉଦ୍‌ଘାଟନ କରିଥିଲେ। ମଣ୍ଡଳ ସଭାପତି ବିଜୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଗାୟକ ମାନସ ଚନ୍ଦ୍ର କର ମଙ୍ଗଳାଚରଣ ପାଠ କରିଥିଲେ। ଜିଲା ସମ୍ପାଦକ ଶିବ ପ୍ରସାଦ ଦ୍ୱିବେଦୀ ଅତିଥି ପରିଚୟ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସଂଘ ସଭାପତି ଈଶ୍ୱର ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ତ୍ରିପୁରା ପାଢ଼ି, ଗ୍ରାମ ସଭାପତି କିଶୋର ଚନ୍ଦ୍ର ସାହୁ, ଧ୍ରୁବଚରଣ ସାହୁ, ଶ୍ରୀକାନ୍ତ ମହାର, ବିଭୂତି ନାଏକ, ସବିତା ସିଂହ ପ୍ରମୁଖ ଯୋଗଦାନ କରିଥିଲେ। ସ୍ଥାନୀୟ ଗାୟକ ବିରଞ୍ଚି ସାହୁ ଓ ପ୍ରମୋଦ ସାହୁ ଦାୟିତ୍ୱ ସମ୍ପାଦନ କରିଥିଲେ। ଏଥିରେ ବହୁ ପାଲାପ୍ରେମୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

## କଣିହାଁ କୋଇଲା ଖଣି କାର୍ଯ୍ୟ ବନ୍ଦ

**କଣିହାଁ,୧୦।୧୧(ଡି.ଏନ.ଏ.)**

ଟ୍ରକ୍ ଚାଳକଙ୍କ ଆନ୍ଦୋଳନ ଯୋଗୁ କଣିହାଁ ବ୍ଲକସ୍ଥିତ ଏମ୍‌ସିଏଲ୍‌ର କୋଇଲା ଖଣି କାର୍ଯ୍ୟ ରବିବାର ବନ୍ଦ ରହିଛି। ପ୍ରକାଶ ଯେ, ଖଣି କ୍ଷତିଗ୍ରସ୍ତ ଜରଡ଼ା ଗ୍ରାମବାସୀ ଶନିବାର ଆନ୍ଦୋଳନ କରିଥିଲେ। ରାତିରେ ଆଲୋଚନା ପରେ ଖଣି କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ତେବେ କାର୍ଯ୍ୟରେ ନିୟୋଜିତ ଠିକାସଂସ୍ଥା ଟ୍ରକ୍ ଚାଳକମାନଙ୍କ ପାଇଁ କାମ ନାହିଁ ତ ମଜୁରି ନାହିଁ ନୋଟିସ ଜାରି କରିଥିଲା। ଏହାର ପ୍ରତିବାଦରେ ରବିବାର ଟ୍ରକ୍‌ଚାଳକମାନେ ଖଣି କାର୍ଯ୍ୟ ବନ୍ଦ କରିଛନ୍ତି। ଏସ୍‌ମା ଲାଗୁ ସତ୍ତ୍ୱେ କୋଇଲା ପରିବହନ ନ ହେବା, ରାଷ୍ଟ୍ରାୟତ୍ତ ଉଦ୍ୟୋଗ କ୍ଷୟକ୍ଷତିକୁ ନେଇ ଥାନାରେ ଅଭିଯୋଗ ହୋଇଛି। କଣିହାଁ କୋଇଲା ଖଣି କ୍ଷେତ୍ର ଜିଏମ୍ ନାରାୟଣ ଦାସ କହିଛନ୍ତି, ବେଆଇନ ଆନ୍ଦୋଳନକୁ ନେଇ କାର୍ଯ୍ୟ ବନ୍ଦ ରହିଛି। ଠିକାସଂସ୍ଥା ଓ ଟ୍ରକ୍ ଚାଳକ ମଧ୍ୟରେ ପାଉଣାକୁ ନେଇ ସମସ୍ୟା ରହିଛି। ସମାଧାନ ପାଇଁ ଆନ୍ଦୋଳନକାରୀଙ୍କୁ ଡାକିବା ସତ୍ତ୍ୱେ ସହଯୋଗ କରୁନାହାନ୍ତି। କଣିହାଁ ଥାନା ଆଇଆଇସି ପ୍ରଭାତ କୁମାର ତ୍ରିପାଠୀ କହିଛନ୍ତି, ଖଣି କାର୍ଯ୍ୟ ବନ୍ଦ ରହିଛି। ଅଭିଯୋଗକୁ ନେଇ ତଦନ୍ତ ଚାଲିଛି।

## ବଣ୍ଡଁରପାଳରୁ ବ୍ରାଉନ ସୁଗାର ଜବତ

# ୬ ଅଭିଯୁକ୍ତ କୋର୍ଟ ଚାଲାଣ

**ଅନୁଗୋଳ ଅଫିସ, ୧୦।୧୧**



ଅନୁଗୋଳ ଜିଲା ଭୋଗବେରେଣି ରେଳ ଷ୍ଟେଶନ ନିକଟରେ ଥିବା ଏକ ବାଇକ୍ ଷ୍ଟାଣ୍ଡରେ ବ୍ରାଉନସୁଗାର ବ୍ୟବସାୟ ବେଳେ ୬ ଦୁର୍ବୃତ୍ତଙ୍କୁ ଗିରଫ କରିଛି ଅନୁଗୋଳ ପୋଲିସର ସ୍ପେଶାଲ ସ୍କ୍ୱାଡ୍। ଏହି ବ୍ୟବସାୟ ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିବା ପରେ ଏସ୍‌ଆଇ ଦୀନକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ସେଠାରେ ପୋଲିସ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ୩୩.୨୪ ଗ୍ରାମର ବ୍ରାଉନ ସୁଗାର ସହ ୩ଟି ବାଇକ୍, ୫ ମୋବାଇଲ, ଆଲୁମିନିୟମ ପ୍ଲେଟ, ଚାମଚ, ଆଲୁମିନିୟମ ଫୋଏଲ, କଲର ପେପର, ଦିଆସିଲି ଓ ଚିଲମ ଜବତ କରାଯାଇଥିଲା। ଧରାପଡ଼ିଥିବା ୬ ଦୁର୍ବୃତ୍ତଙ୍କୁ ସ୍ପେଶାଲ ସ୍କ୍ୱାଡ୍ ବଣ୍ଡଁରପାଳ ଥାନାରେ ଜିମା ଦେବା ପରେ ପୋଲିସ ନଂ. ୨୫୫/୧୯ରେ ମାମଲା ରୁଜୁ କରି ରବିବାର କୋର୍ଟଚାଲାଣ କରିଛି।

ପ୍ରକାଶ ଯେ, ଗତ ୨ ତାରିଖରେ ପୋଲିସ ଏହି ଥାନା ଅଞ୍ଚଳରେ ଚଢ଼ାଉ କରିଥିବା ବେଳେ ଏହା ହେଉଛି ଦ୍ୱିତୀୟ ଚଢ଼ାଉ। ସ୍ପେଶାଲ ସ୍କ୍ୱାଡ୍ ଘଟଣାସ୍ଥଳରୁ ଏହି ବେଆଇନ ନିଶା ବେପାରରେ ସମ୍ପୃକ୍ତି ଅଭିଯୋଗରେ ନାଲ୍‌କୋ ଥାନା ବଳରାମପ୍ରସାଦର ନଗି ଓରଫ ନଗେନ୍ଦ୍ର କୁମାର ବେହେରା(୨୭), ସନା ଓରଫ ସୌଭାଗ୍ୟ ସୁବୁଦ୍ଧି(୩୦), ବାଦଲ ବେହେରା(୨୦), ବଣ୍ଡଁରପାଳ ଥାନା ଭୋଗବେରେଣୀ ଗ୍ରାମର ସୋନୁ ଓରଫ ଶ୍ରୀରାମ ସାହୁ(୩୦), ଶାଳଗାଡ଼ିଆ ଗ୍ରାମର ଲିଟୁ ଓରଫ ଶକ୍ତିସଂଗ୍ରାମ ଖିଲାର(୨୩), ନାଲ୍‌କୋ ଥାନା ଗୋତମରା ଗ୍ରାମର ଲକି ଓରଫ ଲୋକେଶ କୁମାର ସାହୁ(୨୭)ଙ୍କୁ ଗିରଫ କରିଥିଲା। ସମସ୍ତଙ୍କୁ କୋର୍ଟ ଚାଲାଣ କରାଇଥିବା ବଣ୍ଡଁରପାଳ ପୋଲିସ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।

## କଳାକାରଙ୍କ ସମସ୍ୟା ଉପରେ ଆଲୋଚନା



ମଣ୍ଡଳସ୍ତରୀୟ ପାଲା ସମ୍ମିଳନୀରେ ଅତିଥିମାନେ।

**ଛେଣ୍ଡିପଦା,୧୦।୧୧(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ କୋଶଳା ଚନ୍ଦନନଗର କୁମ୍ଭାରସାହି ପ୍ରାଥମିକ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ପାଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ପାଲା ମଣ୍ଡଳ ସଭାପତି ବିଭୂତି ଭୂଷଣ ନାଥଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଅଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ, ଗ୍ରାମ ସଭାପତି କୁଞ୍ଜବିହାରୀ ସାହୁ, ଜିଲା ସଭାପତି ତ୍ରିପୁର ମାଝି, ରାଜ୍ୟ ସାଂସ୍କୃତିକ ସମ୍ପାଦକ ଶିବପ୍ରସାଦ ଦ୍ୱିବେଦୀ ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ପାଲା କଳାକାରମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏହି ପରିପ୍ରେକ୍ଷୀରେ ଅନୁଗୋଳ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୩୦ରୁ ଊର୍ଦ୍ଧ୍ୱ ଦଳ ପାଲା ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ମଣ୍ଡଳ ସଭାପତି ବିଜୟ କୁମାର ପଟ୍ଟନାୟକ, ପାଲଲହଡା ମଣ୍ଡଳ ସଭାପତି ଧ୍ରୁବଚରଣ ସାହୁ, ତାଳଚେର-କଣିହାଁ-ରେଙ୍ଗାଳି ମଣ୍ଡଳ ସଭାପତି ସବିତା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଆଖପାଖ ଅଞ୍ଚଳର ଶତାଧିକ ପାଲା ପ୍ରେମୀ ଉପସ୍ଥିତ ଦେଇଥିଲେ।

## ଦିଲୀପ ରାଉତ ସ୍ମାରକୀ କ୍ରିକେଟ୍

# ନାଲ୍‌କୋ ଅରେଞ୍ଜ ଦଳ ବିଜୟୀ

**ବଣ୍ଡଁରପାଳ,୧୦।୧୧(ଡି.ଏନ.ଏ.)**



ନାଲ୍‌କୋ ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ପ୍ରଥମ ଦିଲୀପ ରାଉତ ସ୍ମାରକୀ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଛି। ଏଥିରେ ନାଲ୍‌କୋ ସ୍ମେଲଟର ଓ ପାୱାର ବିଭାଗର ୩ଟି ଦଳ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନାଲ୍‌କୋ ମାନବ ସମ୍ବଳ ବିଭାଗ ଉପ ମହାପ୍ରବନ୍ଧକ ଶୁଭ୍ରାଂଶୁ ଶେଖର ପଣ୍ଡା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ପ୍ରବନ୍ଧକ ମଣିରଞ୍ଜନ ପଟ୍ଟନାଏକ, ରାଜାରାମ ମିଶ୍ର, ସୁବାଶିଷ ପଣ୍ଡା, ସ୍ପୋର୍ଟସ ଅଫିସର ସୁଧାକର ସାହୁ, ବିଭବ ଜେନା, ଶୁଭେନ୍ଦୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ନାଲ୍‌କୋ ଅରେଞ୍ଜ ଦଳ ବ୍ୟାଟିଂ କରି ୧୧୫ ରନ୍ କରିଥିଲା। ଜବାବରେ ନାଲ୍‌କୋ ଗ୍ରୀନ ଟିମ୍ ୯୫ ରନ କରି ପରାସ୍ତ ହୋଇଥିଲା। ଦୁଷ୍ମନ୍ତ ଦାସ ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୋହନ ସେଠ, ଦୀପକ ସାମଲ, ଦୀପକ ସିଂ, ନିର୍ମଳ ଭୋଳ, ବିଭୂତି ମହାପାତ୍ର, ମନୋଜ ସାହୁ, ସୁରଜ ଥାପା, ହରିହର ନାଥ, ବାପୁ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୨ ବାଇକ୍ ଧକ୍କା, ୩ ଗୁରୁତର

ଅନୁଗୋଳ ଅଫିସ,୧୦।୧୧ : ଅନୁଗୋଳ ଥାନା ଭଣ୍ଡୁରର ବଡ଼ କେନାଲ ପୋଲ ନିକଟରେ ରବିବାର ରାତିରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ପ୍ରକାଶ ଛେତ୍ରୀଙ୍କ ସମେତ ୩ ଜଣ ଗୁରୁତର ହୋଇଛନ୍ତି। ଅନ୍ୟ ୨ ଜଣଙ୍କ ପରିଚୟ ଜଣାପଡ଼ି ନାହିଁ। ଘଟଣାରୁ ଜଣାପଡ଼ିଛି, ପ୍ରକାଶ ବାଇକ୍ ଯୋଗେ ଯାଉଥିବାବେଳେ ବିପରୀତ ଦିଗରୁ ଅନ୍ୟ ଏକ ବାଇକ୍‌ରେ ଆସୁଥିବା ୨ ଜଣ ଯୁବକଙ୍କ ସହ ଧକ୍କା ହୋଇଥିଲେ। ଫଳରେ ଘଟଣାସ୍ଥଳରେ ୩ ଜଣ ଗୁରୁତର ହୋଇଥିଲେ। ସ୍ଥାନୀୟଲୋକେ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପ୍ରକାଶଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି।

### ଦୁର୍ଘଟଣାରେ ୪ ଗୁରୁତର

ଭଣ୍ଡାରିପୋଖରୀ, ୧୦।୧୧ (ଡି.ଏନ୍.ଏ.): ସ୍ଥାନୀୟ କହରାପୋଖରୀ ଛକ ନିକଟରେ ରବିବାର ଅପରାହ୍ନରେ ଏକ ସିମେଣ୍ଟ ବୋଝେଇ ଭ୍ୟାନ୍‌କୁ ହାଇୱା ଧକ୍କା ଦେବାରୁ ଭ୍ୟାନ୍‌ରେ ଥିବା ୪ ଜଣ ଗୁରୁତର ହୋଇ ଭଦ୍ରକ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସେମାନେ ହେଲେ କହରାପୋଖରୀ ଗ୍ରାମର କାର୍ତ୍ତିକ ଚନ୍ଦ୍ର ବେହେରା, ସରସଦାର ପପିନା ଜେନା, ପିରିପୁରର ଶ୍ୟାମସୁନ୍ଦର ସାହୁ ଓ ବାହାଦଲପୁରର ବଳରାମ ବାରିକ।

## ■ରାସ୍ତା ପାର୍ଶ୍ୱରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା
# ଖୁବ୍‌ଶୀଘ୍ର ପର୍ଦ୍ଦାଫାଶ କରିବ ପୋଲିସ

**ଅନୁଗୋଳ ଅଫିସ, ୧୦।୧୧**

■ପରିବାର ଲୋକେ କରିଥିଲେ ହତ୍ୟା ଅଭିଯୋଗ
■ହାତରେ ଲାଗିଛି ଠୋସ୍ ପ୍ରମାଣ
■ଶେଷ ପର୍ଯ୍ୟାୟରେ ତଦନ୍ତ ପ୍ରକ୍ରିୟା



ଅନୁଗୋଳ ବ୍ଲକ ବନ୍ତଳା ଥାନା ଗୁରଙ୍ଗ ଗ୍ରାମର ତ୍ରିପୁରା ନାଏକ(୧୯)ଙ୍କ ମୃତଦେହ ସାକସିଙ୍ଗା ରାସ୍ତା ପାର୍ଶ୍ୱରୁ ଶୁକ୍ରବାର ଅନୁଗୋଳ ପୋଲିସ ଉଦ୍ଧାର କରିବା ଘଟଣାର ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପରିବାର ଲୋକଙ୍କ ହତ୍ୟା ଅଭିଯୋଗକୁ ଆଧାର କରି ଅଧିକ ଖୋଳତାଡ଼ ଚଳାଇଥିବା ପୋଲିସ ଇତିମଧ୍ୟରେ ପରିବାର ଓ କେତେଜଣ ସମ୍ପର୍କୀୟଙ୍କୁ ପଚରାଉଚରା କରିସାରିଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିସାରିଥିବାରୁ ତଦନ୍ତର ଦିଗ ମଧ୍ୟ ସ୍ଥିର ହୋଇସାରିଛି। ତେଣୁ ଖୁବ୍‌ଶୀଘ୍ର ଘଟଣା ଉପରୁ ପୋଲିସ ପରଦା ଉଠାଇବ ବୋଲି ସୂଚନା ମିଳିଛି।

ପ୍ରକାଶ ଯେ, ଭୁବନେଶ୍ୱରରେ ଏକ କମ୍ପାନୀରେ ମେଶିନ୍ ଅପରେଟର ଭାବେ କାର୍ଯ୍ୟ କରୁଥିବା ଗୁରଙ୍ଗ ଗ୍ରାମର ତ୍ରିପୁରା ଗତ ୪ ତାରିଖରେ ନିଜ ମୋଟରସାଇକେଲ ସଜାଡ଼ିବା ସହ ଅନ୍ୟ କେତେକ କାର୍ଯ୍ୟରେ ଅନୁଗୋଳ ଯାଉଥିବା କଥା ଘରେ କହିଥିଲେ। ତେବେ ରାତିରେ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ପ୍ରଥମେ ବନ୍ତଳା ଥାନାରେ ନିଖୋଜ ଅଭିଯୋଗ କରିଥିଲେ। କିନ୍ତୁ ଗତ ୮ ତାରିଖରେ ସାକସିଙ୍ଗା-ଘୁଷାପାଳ ରାସ୍ତା ପାର୍ଶ୍ୱରୁ ତ୍ରିପୁରାଙ୍କ ଗଳିତ ମୃତଦେହ ମିଳିବା ପରେ ପରିବାର ପକ୍ଷରୁ ହତ୍ୟା ଅଭିଯୋଗ କରାଯାଇଥିଲା। ମୃତ ଶରୀରରେ କୌଣସି କ୍ଷତ ଚିହ୍ନ ନ ଥିବାରୁ ପୋଲିସ ତଦନ୍ତକୁ ଦିଗ ମିଳୁ ନ ଥିଲା। ତଥାପି ପରିବାର ଓ ସମ୍ପର୍କୀୟଙ୍କୁ ପୋଲିସ ପଚରାଉଚରା ଚଳାଇଥିଲା। ଏବେ ବ୍ୟବଚ୍ଛେଦ ରିପୋର୍ଟ ପୋଲିସ ନିକଟରେ ପହଞ୍ଚି ସାରିଥିବାରୁ ସେହି ଆଧାରରେ ତଦନ୍ତ ଆଗକୁ ବଢ଼ିଛି। କେଉଁ ପରିସ୍ଥିତିରେ ତ୍ରିପୁରାଙ୍କ ମୃତ୍ୟୁ ହେଲା ଓ ତାଙ୍କ ବାଇକ୍ ଏବେ କେଉଁଠି ତାହା ଜାଣିବାକୁ ପୋଲିସ ଉଦ୍ୟମ ଜାରି ରଖିଥିବା ବେଳେ କରିଥିବା ପଚରାଉଚରାରୁ ଏ ନେଇ କିଛି ତଥ୍ୟ ମିଳିଛି। ଏହାଛଡ଼ା ପରିବାର ଲୋକେ କରିଥିବା ହତ୍ୟା ଅଭିଯୋଗ ମଧ୍ୟ ଦୃଢ଼ ହୋଇଛି। ତେଣୁ ଖୁବ୍‌ଶୀଘ୍ର ପୂରା ଘଟଣା ଉପରୁ ପୋଲିସ ପରଦା ହଟାଇବ ବୋଲି ଜଣାପଡ଼ିଛି।

## ସମୁଦ୍ରରେ ଭାସି ୨ ପର୍ଯ୍ୟଟକଙ୍କ ମୃତ୍ୟୁ

**ଭୋଗରାଇ, ୧୦।୧୧(ଡି.ଏନ.ଏ.):**

ବୁଲବୁଲ ବାତ୍ୟା ସ୍ଥଳଭାଗ ଛୁଇଁବା ସତ୍ତ୍ୱେ ଏହାର ପ୍ରଭାବ ଜାରି ରହିଛି। ସମୁଦ୍ରର ଉତ୍ତାଳ ଜୁଆର କୂଳରେ ମାଡ ହେଉଛି। ସମୁଦ୍ର ମଧ୍ୟକୁ ନ ଯିବା ଲାଗି ପର୍ଯ୍ୟଟକ ଓ ମତ୍ସ୍ୟଜୀବୀମାନଙ୍କୁ କୁହାଯାଇଛି। ଏହାସତ୍ତ୍ୱେ ରବିବାର ୨ ଜଣ ବଙ୍ଗୀୟ ଯୁବକ ଓଲ୍ଡ ଦୀଘା ଓ ନ୍ୟୁ ଦୀଘା ଉପକୂଳରେ ପୃଥକ ସ୍ଥାନରେ ଗାଧୋଇବା ବେଳେ ଢେଉରେ ଭାସିଯାଇ ପ୍ରାଣ ହରାଇଛନ୍ତି। ସ୍ଥାନୀୟ ନୋଳିଆମାନେ ସେମାନଙ୍କୁ ସମୁଦ୍ରରୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଦୀଘା ଜେନେରାଲ ହସ୍‌ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ମୃତକଦ୍ୱୟ ହେଲେ କଲିକତା ବାରାସତ୍ ଅଞ୍ଚଳ ଇନ୍ଦ୍ରନୀଲ ମଜୁମଦାର(୨୪) ଓ ଦକ୍ଷିଣଚବିଶ ପ୍ରଗଣା କାକୁଆଲି ଥାନା ବାଘାଯତୀନ ଅଞ୍ଚଳର ସଞ୍ଜୟ ଲସ୍କର(୪୫)। ଏନେଇ ଦୀଘା ମେରାଇନ ଓ ଦୀଘା ଥାନାରେ ଦୁଇଟି ପୃଥକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଦାରୁହା ହସ୍‌ପିଟାଲରେ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ମାଧପୁର,୧୦।୧୧**

ଆଠମଲ୍ଲିକ ବ୍ଲକ କନ୍ଧପଡ଼ା ପଞ୍ଚାୟତ ବରଡାକଟା ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ନେହେରୁ ଯୁବକେନ୍ଦ୍ର ଅନୁଗୋଳ ଓ ମା' ମାଉଳୀ ଯୁବକ ସଂଘ ବେଲାଦୁଲା ମିଳିତ ଆନୁକୂଲ୍ୟରେ ଚାଲିଥିବା ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଏଥିରେ ବିଭିନ୍ନ ଗ୍ରାମର ଯୁବବର୍ଗଙ୍କ ସମେତ ବାସୁଦେବପୁର, ବେଲାଦୁଲା, କମ୍ପଲା, ବରଡାକଟା ଆଦି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଫୁଟବଲ, ଉଚ୍ଚଡିଆଁ, ଲମ୍ବଡିଆଁ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ କନ୍ଧପଡା ସରପଞ୍ଚ ଦିଲୀପ କୁମାର ପ୍ରଧାନ, ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ବେହେରା, ଖେଳ ଶିକ୍ଷକ ସରୋଜ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନେହେରୁ ଯୁବକେନ୍ଦ୍ର ଅନୁଗୋଳର ସାମାଜିକ କର୍ମୀ ଲକ୍ଷ୍ମୀ ବେହେରା, ମା' ମାଉଳୀ ଯୁବକ ସଂଘ ସଭାପତି ଈଶ୍ୱର ମେହେର, ସମ୍ପାଦକ ସରୋଜ ମେହେର, ସନାତନ ମେହେର, ପ୍ରଫୁଲ୍ଲ ମେହେର, କରୁଣାକର ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଗାପୁର ଉଚ୍ଚବିଦ୍ୟାଳୟରେ ପାଚେରି ନିର୍ମାଣ ଦାବି



**ଛେଣ୍ଡିପଦା,୧୦।୧୧(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ଦୁର୍ଗାପୁର ପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ବିଭିନ୍ନ ସମସ୍ୟା ଲାଗି ରହିଛି। ବିଦ୍ୟାଳୟର ପାଚେରି ଓ ଶୌଚାଳୟ ନ ଥିବାରୁ ଛାତ୍ରୀଛାତ୍ରମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଲାଗି ରହିଥିବା ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଗ୍ରାମବାସୀ କହିଛନ୍ତି,୧୯୮୬ରେ ଏହି ବିଦ୍ୟାଳୟ ନିର୍ମିତ ହୋଇଥିଲା। ଏଠାରେ ବର୍ତ୍ତମାନ ଅଷ୍ଟମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୮୮ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟରେ ୮ ଜଣ ଶିକ୍ଷକ ଦରକାର ହେଉଥିବାବେଳେ ମାତ୍ର ୪ଜଣ ଶିକ୍ଷକ ଅଛନ୍ତି। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ସେହିପରି ପାଣି ପାଇଁ ଛାତ୍ରୀଛାତ୍ରମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୌଚାଳୟ ନ ଥିବାରୁ ପିଲାମାନେ ଖୋଲା ପଡିଆକୁ ଯାଉଛନ୍ତି। ୮ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ପୋଷାକ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ତୁରନ୍ତ ବିଦ୍ୟାଳୟରେ ଲାଗି ରହିଥିବା ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ରାସୋତ୍ସବ, ବରିଷ୍ଠ ନାଗରିକ ପୂଜନ

**ଛେଣ୍ଡିପଦା,୧୦।୧୧(ଡି.ଏନ.ଏ.)**

ଛେଣ୍ଡିପଦା ବ୍ଲକ ତୁକୁଡା ଗ୍ରାମ ରାଧେଶ୍ୟାମ ରାସୋତ୍ସୋବ ପୂଜା କମିଟି ପକ୍ଷରୁ ପ୍ରଭୁ ରାଧାକୃଷ୍ଣଙ୍କ ରାସୋତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ କଳସ ଶୋଭାଯାତ୍ରା, ଅଧିବାସ, ହୋମଯଜ୍ଞ, ପ୍ରସାଦସେବନ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେହିପରି ଧାର୍ମିକ ଚେତନା ଜାଗ୍ରତ କରିବା ସହ ସାମାଜିକ ସଂସ୍କାର ଲକ୍ଷ୍ୟ ନେଇ ବରିଷ୍ଠ ନାଗରିକଙ୍କ ପୂଜନ କାର୍ଯ୍ୟକ୍ରମ କରାଯାଇଥିଲା। ବିଶେଷକରି ସ୍ଥାନୀୟ ଶୋଭନୀୟ ଶିକ୍ଷାଶ୍ରମ ଛାତ୍ରୀଛାତ୍ରମାନେ ଏଥିରେ ଯୋଗଦେଇ ଗ୍ରାମର ବରିଷ୍ଠ ନାଗରିକମାନଙ୍କୁ ପୂଜା କରିଥିଲେ। ସେହିପରି ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଙ୍ଗୀତ, ବକ୍ତୃତା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାସହିତ ଆମ ପରିବାର ଆଲୋଚନାଚକ୍ର ସାଙ୍ଗକୁ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷାଶ୍ରମ ଗୁରୁଜୀ ପ୍ରଦୀପ କୁମାର ସାହୁ, ଜନାର୍ଦ୍ଦନ ସାହୁ ପରିଚାଳନା କରିଥିଲେ। ଆୟୋଜନ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ବରିଷ୍ଠ ନାଗରିକ ପୂଜନ ଅବସରରେ ଉପସ୍ଥିତ ବରିଷ୍ଠ ନାଗରିକ ଓ ଛାତ୍ରୀଛାତ୍ରମାନେ।

## ପବିତ୍ରନଗରରେ କ୍ରୀଡ଼ା ପ୍ରତିଯୋଗିତା



**ପବିତ୍ରନଗର,୧୦।୧୧(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକ ପବିତ୍ରନଗର ମିନି ଷ୍ଟାଡିୟମରେ ନେହେରୁ ଯୁବକେନ୍ଦ୍ର ଓ ପବିତ୍ରନଗର କ୍ଲବ ମିଳିତ ସହଯୋଗରେ ରବିବାର ଏକ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ଭଲି, କବାଡି, ଦୌଡ଼, ଲମ୍ବ ଡିଆଁ, ଉଚ୍ଚ ଡିଆଁ ଆଦି ପ୍ରତିଯୋଗିତା କରାଯାଇଥିଲା। ମୁଖ୍ୟଅତିଥି ଭାବେ ପରାବିଲ ସମିତି ସଭ୍ୟ ମନୋଜ ପ୍ରଧାନ, ସମ୍ମାନିତ ଅତିଥି ଭାବେ ପବିତ୍ରନଗର ହାଇସ୍କୁଲ ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ବେହେରା, କ୍ରୀଡା ପ୍ରଶିକ୍ଷକ ଅନାଥ ବନ୍ଧୁ ସାହୁ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗିତାରେ କଣିହାଁ ବ୍ଲକର ବିଭିନ୍ନ ଅଞ୍ଚଳର ଖେଳାଳିମାନେ ଭାଗ ନେଇଥିଲେ। ନେହେରୁ ଯୁବକେନ୍ଦ୍ର ସହ ସଂଯୋଜକ ଶିବାନନ୍ଦ ପ୍ରଧାନ, ପବିତ୍ରନଗର କ୍ଲବ ସଭାପତି ଶାନ୍ତନୁ ମଲ୍ଲିକ ସହଯୋଗ କରିଥିଲେ।

## ଗଛ ପଡ଼ି ସ୍କୁଲ ଛପର ଭାଙ୍ଗିଲା

**ସୋର, ୧୦।୧୧(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ସୋର ଅଞ୍ଚଳରେ ବୁଲ୍‌ବୁଲ୍ ବାତ୍ୟା ପ୍ରଭାବରେ ଅନେକ କ୍ଷୟକ୍ଷତି ଘଟିଛି। ଗୋପୀନାଥପୁର ରାଜସ୍ୱ ନିରୀକ୍ଷକ ଶ୍ୟାମସୁନ୍ଦର ମାରାଣ୍ଡି କ୍ଷୟକ୍ଷତିର ତଦନ୍ତ କରି ତହସିଲଦାର ଦେବୀ ପ୍ରସାଦ ଦାଶଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ଏହି ବ୍ଲକ ଅଧୀନ ସିଙ୍ଗାଖୁଣ୍ଟା ପଞ୍ଚାୟତ ସିନ୍ଧୁଆ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଉପରରେ ଏକ ଗଛ ଭାଙ୍ଗିପଡ଼ିବାରୁ ଏହାର ଛପର ଭାଙ୍ଗିଯାଇଥିବାରୁ ପାଠପଢ଼ା ବାଧାପ୍ରାପ୍ତ ହୋଇଛି। ଗୋପୀନାଥପୁର ପଞ୍ଚାୟତ ତୁଙ୍ଗାମ ଗ୍ରାମରେ ଗଛ ପଡି ସୁଦାମ ଚରଣ ଜେନାଙ୍କ ଘର ଭାଙ୍ଗିଥିବା ବେଳେ ଲକ୍ଷ୍ମୀକାନ୍ତ ବାରିକଙ୍କ ଘର ଛପର ଉଡ଼ିଯାଇଛି। ମଙ୍ଗଳପୁର ଗ୍ରାମର ଜ୍ଞାନେନ୍ଦ୍ର ଦାସଙ୍କ ଘର ଭାଙ୍ଗିଥିବା ଜଣାପଡିଛି।

## ୩, ୬୯,୪୦୫ ପିଲା ନେବେ ଜାପାନୀ ଜ୍ୱର ଟିକା

**ଭଦ୍ରକ ଅଫିସ, ୧୦।୧୧:**

ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହ ପରିସରରେ ଜାପାନିଜ୍ ଏନ୍‌ସେଫାଲାଇଟ୍ ଟୀକାକରଣ ଅଭିଯାନ-୨୦୧୯ ସମ୍ପର୍କିତ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ନୂତନ ଟିକାକରଣ ଅଭିଯାନ ୨୦୧୭ରୁ ଆରମ୍ଭ ହୋଇଛି ଏବଂ ତୃତୀୟ ପର୍ଯ୍ୟାୟରେ ରାଜ୍ୟର ୭ଟି ଜିଲାରେ ସୋମବାରଠାରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଚାଲୁ ରହିବ। ଭଦ୍ରକ ଜିଲାର ୭ଟି ବ୍ଲକରେ ୧ରୁ ୧୫ବର୍ଷ ପର୍ଯ୍ୟନ୍ତ ମୋଟ ୩, ୬୯, ୪୦୫ ପିଲାଙ୍କୁ ଏହି ଟୀକା ପ୍ରଦାନ କରାଯିବ। ବିଭିନ୍ନ ସ୍କୁଲରେ ୨,୬୫,୭୦୩ ଓ ଅଙ୍ଗନୱାଡ଼ି କମ୍ୟୁନିଟି ସେଣ୍ଟରରେ ୧, ୦୩, ୭୦୨ ପିଲାଙ୍କୁ ଟୀକା ଦିଆଯିବ। ଜିଲାର ୨୨୧୭ ସ୍କୁଲ ଓ ୧୭୫୫ ଅଙ୍ଗନୱାଡି କେନ୍ଦ୍ରରେ ଏହି କାର୍ଯ୍ୟକ୍ରମ ପାଇଁ ସ୍ଥିର କରାଯାଇଥିବା ସୂଚନା ଦିଆଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଜଗନ୍ନାଥ ପହି ବୈଠକରେ ଅଧକ୍ଷତା କରିଥିଲେ। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜୟନ୍ତ କୁମାର ପଣ୍ଡା, ଜିଲା ପରିବାର କଲ୍ୟାଣ ଟୀକାଦାନ ମ୍ୟାଲେରିଆ ଅଧିକାରୀ ଡା. ମୁରଲୀଧର ନାୟକ, ଜିଲା ଯକ୍ଷ୍ମା ଅଧିକାରୀ ଡା. ସନ୍ତୋଷ କୁମାର ପୃଷ୍ଟି, ଜିଲା କାର୍ଯ୍ୟ ପରିଚାଳନା ଅଧିକାରୀ ଏନଏଚ୍‌ଏମ୍ ସରିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଯଶୋବନ୍ତ ପଣ୍ଡା ଉପସ୍ଥିତ ରହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

## ଉତ୍କଳ କରାଟେ ପକ୍ଷରୁ ବେଲ୍‌ଟ ପଦୋନ୍ନତି ଶିବିର



ଶିବିରରେ ଯୋଗ ଦେଇଥିବା ପ୍ରତିଯୋଗୀଙ୍କ ସହ ଅନ୍ୟମାନେ।

**ଅନୁଗୋଳ ଅଫିସ, ୧୦।୧୧**

ଅନୁଗୋଳସ୍ଥିତ ପିଟିସି ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ରବିବାର ଉତ୍କଳ କ୍ୟୁକୋସିନ୍ କରାଟେ ଓ ଯୋଗ ସଙ୍ଗଠନ ପକ୍ଷରୁ ବାର୍ଷିକ ବେଲ୍‌ଟ ପଦୋନ୍ନତି ଶିବିର ଆୟୋଜିତ ହୋଇଯାଇଛି। ସଙ୍ଗଠନର ଉପଦେଷ୍ଟା ଅକ୍ଷୟ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପିଟିସି ନୋଡାଲ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ବିପିନି ବିହାରୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆତ୍ମ ସୁରକ୍ଷା କ୍ଷେତ୍ରରେ କରାଟେ ଭଳି ମାର୍ଶାଲ ଆର୍ଟର ଉପଯୋଗିତା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଶିବିରରେ ମୋଟ ୧୩୦ ଜଣ ଯୋଗଦେଇଥିଲେ। ମୁଖ୍ୟ ପ୍ରଶିକ୍ଷକ ବାସୁଦେବ ସାହୁ ଓ ତାରକ ସରଦାର ଖେଳ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନ ସଭାପତି ଅଶ୍ୱିନୀ କୁମାର ପାଣି, ଉପସଭାପତି ବିଶ୍ୱରଞ୍ଜନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ବବିନ ଚନ୍ଦ୍ର ଗଡ଼ନାୟକ, ବିଜୟ କୁମାର ସାହୁ, କୋଷାଧ୍ୟକ୍ଷ ସୌମ୍ୟରଞ୍ଜନ ବେହେରାଙ୍କ ସମେତ ସଂଯୋଜକ ମନୋଜ ଆଦିତ୍ୟ ଦାସ, ରାଜକୁମାର ଅଗ୍ରୱାଲ, ସୁରଞ୍ଜନା ରାଜକୁମାର ପ୍ରମୁଖ ଉପସ୍ଥିତ ଥିଲେ। ଲକ୍ଷ୍ମୀପାଦ କର, ପ୍ରୀତମ କୁମାର, ରୋହନ କୁମାର ସାହୁ, ପ୍ରାଚୀ ପୂର୍ବାସା, ସୁନୟନା ସାହୁ, ସଚିନ ନାୟକ, ବବୁଲ ସାହୁ, ଅଂଶୁମାନ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ। ଦେବାନନ୍ଦ ସାହୁ ସଂଯୋଜନା କରିଥିଲେ।

### ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ମାଧପୁର-୯୯୩୭୬୪୪୫୫୨, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ସୋମବାର, ନଭେମ୍ବର ୧୧/୨୦୧୯ Dhenkanal, Monday, November 11 / 2019

## ସଂକ୍ଷେପରେ

### କ୍ଲଷ୍ଟରସ୍ତରୀୟ ଖେଳକୁଦ ପ୍ରତିଯୋଗିତା



**ଢେଙ୍କାନାଳ ଅଫିସ, ୧୦।୧୧**
ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ କଟକ କ୍ଲଷ୍ଟରସ୍ତରୀୟ ଲଘୁ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଶିକ୍ଷାନୁଷ୍ଠାନର ଅଧକ୍ଷ ଅକ୍ଷୟ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଏଥିରେ ଢେଙ୍କାନାଳ, ଅନୁଗୋଳ, ଏନ୍‌ଟିପିସି କଣିହାଁସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ୧୬୮ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଦୌଡ଼, ଟେନିସ୍ ଥ୍ରୋ ବଲ, କବାଡି, ଖୋଖୋ, ଲଙ୍ଗଜମ୍ପ୍ ଆଦି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ରତ୍ନାକର ସାମଲଙ୍କ ସମେତ ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଏଥିରେ ସହଯୋଗ କରିଥିଲେ।

### ୨୪ ପ୍ରହର ନାମଯଜ୍ଞ ଉଦ୍‌ଯାପିତ



**ଭୁବନ, ୧୦।୧୧(ଡି.ଏନ.ଏ.)**
ଭୁବନର ବୁଦ୍ଧେଶ୍ୱର ଶୈବପୀଠରେ ୫ଦିନ ଧରି ଚାଲିଥିବା ୧୦ମ ବାର୍ଷିକ ୨୪ ପ୍ରହର ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ କଳସଯାତ୍ରା, ସୂର୍ଯ୍ୟପୂଜା, ହୋମଯଜ୍ଞ ସହ ଅହୋରାତ୍ର ନାମକୀର୍ତ୍ତନ ଯଥାବିଧି ଅନୁଷ୍ଠିତ ହୋଇଥିଲା। ଭୁବନ ସମେତ ଆଖପାଖ ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନମଣ୍ଡଳୀ ଯୋଗଦେଇଥିଲେ। ଦୈନିକ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ରାଧାକୃଷ୍ଣଙ୍କ ଚଳନ୍ତି ପ୍ରତିମାକୁ ସହର ପରିକ୍ରମା କରାଯାଇଥିଲା। ମହିଳା ସଂକୀର୍ତ୍ତନମଣ୍ଡଳୀ ପକ୍ଷରୁ ପରିବେଷଣ କରାଯାଇଥିବା ଭଜନରେ ଶ୍ରୋତା ମନ୍ତ୍ରମୁଗ୍ଧ ହୋଇଥିଲେ। ଶ୍ରୀ ଚୈତନ୍ୟ ଆଶ୍ରିତ ଭକ୍ତବୃନ୍ଦଙ୍କ ସମେତ ଆଖପାଖ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

### ସପ୍ତଶଯ୍ୟା ମହୋତ୍ସବ ଉଦ୍‌ଘାଟିତ

# ‘ସହଯୋଗ ମିଳିଲେ ଆଗକୁ ବଢ଼ିବ ସଂସ୍କୃତି’

**ଢେଙ୍କାନାଳ ଅଫିସ, ୧୦।୧୧**

ଢେଙ୍କାନାଳ ମାଟିର ଐତିହ୍ୟ ଯେତିକି ମହାନ୍ ସେତିକି ଗରିମାମୟ ଏହାର ସଂସ୍କୃତି। ଏଠାକାର ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକ ପରମ୍ପରାକୁ ଶୀର୍ଷସ୍ଥାନ ଦେବାକୁ ଯେଉଁ ଉଦ୍ୟମ ଚଳାଇଛନ୍ତି, ତାହା ବାସ୍ତବିକ୍ ପ୍ରଶଂସନୀୟ। ଏ କ୍ଷେତ୍ରରେ ଦେବାଂଶୀ ଡ୍ୟାନ୍ସ ଏକାଡେମୀ ମଧ୍ୟ ସାମିଲ ହୋଇଛି। ଅନୁଷ୍ଠାନ ପକ୍ଷରୁ ୫ବର୍ଷ ହେଲା ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ‘ସପ୍ତଶଯ୍ୟା’ ନାମରେ ମହୋତ୍ସବ ଆୟୋଜିତ ହୋଇଆସୁଛି। ଏହି ଧାରାକୁ ଆଗକୁ ନେବାକୁ ହେଲେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷା ପ୍ରସାଦ ସିଂଦେଓ। ରବିବାର ସନ୍ଧ୍ୟାରେ ସ୍ଥାନୀୟ ମିନି ଷ୍ଟାଡିୟମରେ ଅନୁଷ୍ଠିତ ସପ୍ତଶଯ୍ୟା ମହୋତ୍ସବର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି।

ଏହି ଅବସରରେ ଅଭିନେତା ସୁକାନ୍ତ ରଥ, ଅଭିନେତ୍ରୀ ସଙ୍ଗୀତା ମହାପାତ୍ରଙ୍କୁ ‘ସପ୍ତଶଯ୍ୟା ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। ସେହିପରି ସପ୍ତଶଯ୍ୟା ସଙ୍ଗୀତ ସମ୍ମାନରେ ଛନ୍ଦା ମିଶ୍ର, ନାଟକରେ ଶରତ ମାଝି, ନୃତ୍ୟରେ ମନଶ୍ରୀ ମଧୁସ୍ମିତା, ବାଦ୍ୟରେ ଦୀପ୍ତିଶ କୁମାର ମହାପାତ୍ର, ସେବାରେ ପୁଷ୍ପାଞ୍ଜଳି ଜେନା, ସଂସ୍କୃତିରେ ସତ୍ୟପ୍ରିୟ ଶରଣ ଏବଂ ନୃତ୍ୟଶିଳ୍ପୀ ଅସୀମା ଅଶ୍ୱିରିକା ଜେନା ସମ୍ମାନିତ ହୋଇଥିଲେ। ଏଥିସହ ଜୀବନବ୍ୟାପୀ ସାଧନା ପାଇଁ ବିଶିଷ୍ଟ କଣ୍ଠ ଶିଳ୍ପୀ ତାନସେନ ସିଂ, ଶାନ୍ତିଲତା ଛୋଟରାୟ, ଓଡ଼ିଶୀ ନୃତ୍ୟଶିଳ୍ପୀ ମୀରା ଦାସ, ନୃତ୍ୟଗୁରୁ ଡ. ମନୋଜ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଉତ୍ସବରେ ସମ୍ମାନିତ ଅତିଥି ଭାବେ ରାଣୀ ସାବିତ୍ରୀ ଦେବୀ, ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ କୁମାର ମହାନ୍ତି, ନିଉଟ୍ରିମାକ୍ସ ନିର୍ଦ୍ଦେଶକ ଦୀପ୍ତିମୟ ପରିଜା, ଆଇଆଇଏମ୍‌ସିର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ, ଉତ୍କଳ ଆଜବେଷ୍ଟସ ଲିମିଟେଡ୍‌ର ଜିଏମ୍ ରଘୁନାଥ ସିଂ, ନିଖିଳ ଭାରତ ଆଇଟିଆଇ ଆସୋସିଏଶନ ଫେଡେରେସନ ଜୋନାଲ ସମ୍ପାଦକ ତାରାପ୍ରସନ୍ନ ଶତପଥୀ, ସାମାଜିକ କର୍ମୀ ଶୁଚିସ୍ମିତା ପୃଷ୍ଟି, ଇନ୍‌କମଟ୍ୟାକ୍ସର ଅବସରପ୍ରାପ୍ତ ପ୍ରିନ୍ସିପାଲ କମିଶନର ଶରତ କୁମାର ଦାସ ପ୍ରମୁଖ ମଞ୍ଚାସୀନ ରହି ଜିଲାର ସଂସ୍କୃତିକୁ ଭୂୟସୀ ପ୍ରଶଂସା କରିଥିଲେ।

ଅନୁଷ୍ଠାନର ସଭାପତି ଶାନ୍ତି ମିଶ୍ର ସମାରୋହରେ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ଗୌରୀଶଙ୍କର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



ସପ୍ତଶଯ୍ୟା ମହୋତ୍ସବ ଉଦ୍‌ଘାଟନୀ ସନ୍ଧ୍ୟାର ସମ୍ବର୍ଦ୍ଧିତ ପ୍ରତିଭାବୃନ୍ଦ।



### ଜିଲାସ୍ତରୀୟ ପାଲାଗାୟକ ସମ୍ମିଳନୀ

# ‘ସଙ୍ଗଠିତ ହେଲେ ସଫଳ ହେବ ପ୍ରୟାସ’

**ଢେଙ୍କାନାଳ ଅଫିସ, ୧୦।୧୧**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ନବକିଶୋରପୁର ଗ୍ରାମରେ ଶନିବାରଠାରୁ ଆରମ୍ଭ ହୋଇଥିବା ଦୁଇଦିନିଆ ଜିଲାସ୍ତରୀୟ ପାଲାଗାୟକ ସମ୍ମିଳନୀ ଶେଷ ହୋଇଯାଇଛି। ପାଲା ଗାୟକ ସଂଘ ସଭାପତି ସୁରେନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲା କଳା ସଂସ୍କୃତି ସଂଘର ଉପସଭାପତି ଅବନୀ କୁମାର ମିଶ୍ର ଉଦ୍‌ଘାଟନ କରି କହିଲେ, ପାଲା ସଂସ୍କୃତିକୁ ବଞ୍ଚାଇ ରଖିବା ଏବଂ ଏହାକୁ ଲୋକାଭିମୁଖୀ କରିବାକୁ ସରକାରୀସ୍ତରରେ ଉଦ୍ୟମ କରାଯାଉଛି। ପାଲା ଗାୟକ ଏବଂ ଏହି ପାରମ୍ପରିକ ଲୋକକଳା ସହିତ ସମ୍ପୃକ୍ତ କଳାକାରମାନେ ସଙ୍ଗଠିତ ହେଲେ ସରକାରଙ୍କ ପ୍ରୟାସ ସଫଳ ହୋଇପାରିବ ବୋଲି ସେ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଉପେନ୍ଦ୍ର ବେଉରା, ସମ୍ମାନିତ ଅତିଥି ଭାବେ ଲର୍ଡ ଅନୁଷ୍ଠାନର ନିର୍ଦ୍ଦେଶକ ଭରତ କୁମାର ବେହେରା ଯୋଗଦେଇ ସଙ୍ଗଠନକୁ ମଜଭୁତ କରିବାକୁ ପରାମର୍ଶ ଦେଇଥିଲେ।

ଗାୟକ ସୁଶାନ୍ତ ସାହୁ, ବିଭୂତି ଭୂଷଣ ପଣ୍ଡା, ସୁରେନ୍ଦ୍ର ମିଶ୍ର, ରଜନୀକାନ୍ତ କର, ଗାୟିକା ବାଲାମଣି ସାହୁ ପାଲା ପରିବେଷଣ କରିଥିଲେ। ସମ୍ପାଦକ ଦୁର୍ଗାଚରଣ ମହାପାତ୍ର, ଗାୟକ ଅଭୟ ମିଶ୍ର, ଅଶୋକ ସାମଲ, ଉଗ୍ରସେନ ବିଶ୍ୱାଳ, ଉମ୍ବରୁଧର ସାହୁ, ସୁଶାନ୍ତ ସାହୁ, ଜଗନ୍ନାଥ କାଞ୍ଜିଆ, ପ୍ରଭାକର ନାଥ, ମା’ ପିତାମ୍ବରୀ ନାଟ୍ୟ ସଂସଦର କର୍ମକର୍ତ୍ତା ଏବଂ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କପିସାହି, ଆଳୁସିଂହ, କରଚୁଳି, ଗଣ୍ଡାନାଳି, ବିମ୍ଯୋରୀ, ଫାଶିଗାଁ, ବସନ୍ତିଆ ଗ୍ରାମର ଶତାଧିକ ପାଲାପ୍ରେମୀ ପାଲାର ମଜା ନେଇଥିଲେ।

### ପରଜଙ୍ଗରେ ଥମୁନି ହାତୀ ଆତଙ୍କ

# ଯୁବକଙ୍କୁ ଦାନ୍ତରେ ଭୁସିଦେଲା ଦନ୍ତା

**ପରଜଙ୍ଗ, ୧୦।୧୧(ଡି.ଏନ.ଏ.)**

- ବନ ବିଭାଗ ଉପରେ ଦୋଷ ଲଦିଲେ ଗ୍ରାମବାସୀ
- ଶୀଘ୍ର ପ୍ରତିକାର ନ କଲେ ଆନ୍ଦୋଳନ ଚେତାବନୀ



ଢେଙ୍କାନାଳ ଜିଲା ପରଜଙ୍ଗ ଅଞ୍ଚଳରେ ହାତୀ ଆତଙ୍କ ଚରମସୀମାରେ ପହଞ୍ଚିଛି। ଜନବସତିରେ ହାତୀପଲର ଉପଦ୍ରବ ଏବଂ ଆକ୍ରମଣରେ ବ୍ୟାପକ ଧନଜୀବନ ହାନି ହେଉଛି। ରବିବାର ସନ୍ଧ୍ୟାରେ ପାଟରପଦା ମେଡ଼ିକାଲ ନିକଟରେ ଏକ ଦନ୍ତା ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ କଟାବାହାଳ ଗ୍ରାମର ସୁଦର୍ଶନ ଦାସ (୩୬)। ସୁଦର୍ଶନ ଶୌଚ ହେବାକୁ ଯାଉଥିବା ବେଳେ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲା। ସେ ପ୍ରାଣବିକଳରେ ଦୌଡ଼ିପଳାଉଥିବାବେଳେ ହାତୀଟି ତାଙ୍କ ଡାହାଣ ଗୋଡ଼କୁ ଦାନ୍ତରେ ଭୁସି ଦେଇଥିଲା। ଏଥିସହ ଛାତି ଉପରେ ଚଢ଼ିଯାଇ ପଳାଇଥିଲା। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ସହ ୧୦୮ ଆମ୍ବୁଲାନ୍ସରେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଡିହଡୋଳ ଫରେଷ୍ଟର ରାମଚନ୍ଦ୍ର ରାଉତ ଗୁରୁତରଙ୍କ ଚିକିତ୍ସା ପାଇଁ ୫ ହଜାର ଟଙ୍କା ସହାୟତା ଦେଇଛନ୍ତି। ମହାବିରୋଡ଼ ରେଞ୍ଜର ସୁବ୍ରତ ବେହେରା, ଗାର୍ଡ ଲୁସ୍ମିତା ସିଂ ପ୍ରମୁଖ ଡାକ୍ତରଖାନାରେ ପହଞ୍ଚି ତଦନ୍ତ କରିଛନ୍ତି।

ଗ୍ରାମବାସୀଙ୍କ କହିବା କଥା, ଅଞ୍ଚଳରେ ଦିନକୁ ଦିନ ହାତୀ ଆତଙ୍କ ବଢ଼ିଚାଲିଛି। ସେମାନଙ୍କୁ ଘଉଡ଼ାଇବାକୁ ଯାଇ ବନ ବିଭାଗ ବାଣ ମାରୁଛି। ଏଥିରେ ହାତୀପଲ ଅଧିକ ହିଂସ୍ର ହୋଇଉଠୁଛନ୍ତି। ଅଞ୍ଚଳରେ ୧୧୫ରୁ ଊର୍ଦ୍ଧ୍ୱ ହାତୀ ବିଭିନ୍ନ ପଲରେ ବିଭକ୍ତ ହୋଇ ବିଚରଣ କରୁଛନ୍ତି। ହାତୀ ଉପସ୍ଥିତି ସମ୍ପର୍କରେ ସୂଚନା ଦେଲେ ବନ କର୍ମଚାରୀ ପହଞ୍ଚୁନାହାନ୍ତି। ଫଳରେ କ୍ଷୟକ୍ଷତି ପରିମାଣ ବଢ଼ିବାରେ ଲାଗିଥିବା ସେମାନେ ଅଭିଯୋଗ କରିଛନ୍ତି। ହାତୀପଲକୁ ଅନ୍ୟତ୍ର ଘଉଡ଼ାଇବା ବ୍ୟବସ୍ଥା ନ କଲେ ବାଧ୍ୟ ହୋଇ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ହାତୀ ଘଉଡ଼ାଇବାକୁ ବାଣ ମରାଯାଇଥିବା ସମ୍ପର୍କରେ ରେଞ୍ଜର କୁହନ୍ତି, ତାଙ୍କ ଅଜାଣତରେ ଏପରି ହୋଇଥାଇପାରେ। ଏ ନେଇ ସେ ଅନୁଧ୍ୟାନ କରିବେ ବୋଲି କହିଛନ୍ତି।

### ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ

**କାମାକ୍ଷାନଗର, ୧୦।୧୧(ଡି.ଏନ୍.ଏ.)**

କାମାକ୍ଷାନଗର ଏନ୍‌ଏସି ଅନନ୍ତପୁର ସାହିର ଅବସରପ୍ରାପ୍ତ କର୍ମଚାରୀ କାଶୀନାଥ ଶତପଥୀ (୯୪)ଙ୍କ ଶନିବାର ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଅନ୍ତିମ ସମୟରେ ତାଙ୍କ ନିକଟରେ ୩ ପୁଅ, ପୁତ୍ରବଧୂ, ନାତୁଣୀନାତି ଉପସ୍ଥିତ ଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିଥିଲେ। ପାର୍ଥିବ ଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଛି। ସେ ଲ୍ୟାଣ୍ଡ ଆକ୍ୱେଜିଶନ ବିଭାଗରେ ଦୀର୍ଘଦିନ ଧରି କାର୍ଯ୍ୟ କରିବା ସହ ନାଲ୍‌କୋ ଜମି ଅଧିଗ୍ରହଣରେ ପ୍ରମୁଖ ଭୂମିକା ତୁଲାଇଥିଲେ।


କାଶୀନାଥ ଶତପଥୀ

### ବଡ଼ଓଷାରେ ଉତ୍ସବମୁଖର ବୁଦ୍ଧେଶ୍ୱର ଶୈବପୀଠ

# ଲାଗି ହେଲା ୨୮୧ ଭଣ୍ଡାର


ବଡ଼ ଓଷା ଅବସରରେ ଶ୍ରଦ୍ଧାଳୁଙ୍କ ସମାଗମ।

**ଭୁବନ, ୧୦।୧୧(ଡି.ଏନ.ଏ.)**

ଭୁବନର ପ୍ରସିଦ୍ଧ ବୁଦ୍ଧେଶ୍ୱର ଶୈବପୀଠରେ ରବିବାର ବଡ଼ଓଷା ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପାରମ୍ପରିକ ଭଣ୍ଡାର ଭୋଗ ଲାଗିକରିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

ପଞ୍ଚୁକ ଏବଂ ବଡ଼ଓଷା ପାଇଁ ମନ୍ଦିର କମିଟି ପକ୍ଷରୁ ସ୍ୱତନ୍ତ୍ର ନିର୍ଘଣ୍ଟ ପ୍ରସ୍ତୁତ କରାଯାଇଥିଲା। ପ୍ରାତଃରୁ ଦ୍ୱାରଫିଟା ନୀତି, ଅବକାଶ, ମଙ୍ଗଳଆଳତି ପରେ ମହାଦେବଙ୍କ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ଶ୍ରଦ୍ଧାଳୁ ଏବଂ ମାନସିକଧାରୀମାନେ ବ୍ରାହ୍ମଣୀ ନଦୀରେ ସ୍ନାନପୂର୍ବକ ଭଣ୍ଡାର ବସାଇଥିଲେ। ଚଳିତବର୍ଷ ପୀଠରେ ମୋଟ ୨୮୧ ଜଣ ଶ୍ରଦ୍ଧାଳୁ ବଡ଼ଓଷା ଭଣ୍ଡାର ଭୋଗ ଲାଗି କରିଥିବା ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଢେଙ୍କାନାଳ ଜିଲା ସମେତ ବାହାର ଜିଲାରୁ ଆସିଥିବା ହଜାର ହଜାର ଶ୍ରଦ୍ଧାଳୁ ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ମନ୍ଦିର ପରିଚାଳନା କମିଟି ସଦସ୍ୟ ଏବଂ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ଓଡ଼ିଆ ଜାତିର ବୀରତ୍ୱ ବଖାଣେ କଳିଙ୍ଗ ଯୁଦ୍ଧ



କାର୍ଯ୍ୟକ୍ରମରେ ଅତିଥିମାନେ।

**କାମାକ୍ଷାନଗର, ୧୦।୧୧(ଡି.ଏନ.ଏ.)**

କଳିଙ୍ଗ ଯୁଦ୍ଧକୁ ବାଦ୍ ଦେଲେ ଓଡ଼ିଶା ଇତିହାସ ଅସମ୍ପୂର୍ଣ୍ଣ। ଆଜି ବି ଓଡ଼ିଆ ଜାତିର ବୀରତ୍ୱ କଥା ବଖାଣେ କଳିଙ୍ଗ ଯୁଦ୍ଧ। ଅତୀତର ସ୍ମୃତିଚାରଣ କଲେ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ବାଟ ଖୋଲିଯାଏ। ଏଥିରୁ ଛାତ୍ରୀଛାତ୍ରଙ୍କୁ ଅନେକ କିଛି ଶିଖିବାର ଅଛି ବୋଲି କହିଛନ୍ତି ଭୁବନ ବ୍ଲକ ଜିରାଳ କଲେଜ ଅଧକ୍ଷ ଦ୍ୱିଜରାଜ ବିଶ୍ୱାଳ। ଶିକ୍ଷାନୁଷ୍ଠାନର ଇତିହାସ ବିଭାଗ ପକ୍ଷରୁ ଶନିବାର ଆୟୋଜିତ ‘କଳିଙ୍ଗ ଯୁଦ୍ଧର ମହତ୍ୱ ଓ ଐତିହାସିକ ପୁନରାବଲୋକନ’ ସମ୍ପର୍କିତ ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରି ସେ ଏହା କହିଥିଲେ।

ବିଭାଗୀୟ ମୁଖ୍ୟ ଅନନ୍ତ କୁମାର ସାହୁ ଆଲୋଚନାଚକ୍ରର ଉଦ୍ଦେଶ୍ୟ ଉପରେ ସମ୍ୟକ୍ ବିବରଣୀ ଦେଇଥିଲେ। ଅଧ୍ୟାପକ ଅଭୟ କୁମାର ସାହୁ, ଅଧ୍ୟାପିକା ବିଷ୍ଣୁପ୍ରିୟା ତ୍ରିପାଠୀ କଳିଙ୍ଗ ଯୁଦ୍ଧର ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରୀ ନିବେଦିତା ବେହେରା, ରଶ୍ମିତା ସାହୁ, ମୋହିନୀ ମଞ୍ଜରୀ ସାହୁ, ସ୍ୱପ୍ନପ୍ରଭା ତ୍ରିପାଠୀ ସ୍ୱରଚିତ ସନ୍ଦର୍ଭ ପାଠ କରିଥିବାବେଳେ ଅଧ୍ୟାପିକା ଦେବଯାନୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅନୁଷ୍ଠିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଉପସ୍ଥିତ ଅଧ୍ୟାପିକାଅଧ୍ୟାପକ ଏବଂ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

### ଜାତୀୟ ରାଜପଥ କାର୍ଯ୍ୟ ନିମ୍ନମାନର

# ଭାଙ୍ଗିଯାଉଛି ନବନିର୍ମିତ ଡ୍ରେନ୍ ସ୍ଲାବ୍

**କାମାକ୍ଷାନଗର, ୧୦।୧୧(ଡି.ଏନ.ଏ.)**



- ପ୍ରତିବାଦ କଲେ ପୂର୍ବତନ ସରପଞ୍ଚ
- ଉପଜିଲାପାଳଙ୍କ ନିକଟରେ ଅଭିଯୋଗ

ଢେଙ୍କାନାଳ ଜିଲା କାମାକ୍ଷାନଗର ଦେଇ ଯାଇଥିବା ୨୦୦ନଂ. ଜାତୀୟ ରାଜପଥର ଦୋହରୀକରଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ହେଲେ ଏହି କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ଆଣିଛନ୍ତି ବାଇସିଙ୍ଗାର ପୂର୍ବତନ ସରପଞ୍ଚ ହିତେନ୍ଦ୍ର ବିଶ୍ୱାଳ। ଠିକାସଂସ୍ଥା ପକ୍ଷରୁ ଡ୍ରେନ୍ ଏବଂ ସ୍ଲାବ୍ ନିର୍ମାଣ ଭାଗମାପ ଅନୁଯାୟୀ ହୋଇନାହିଁ। ଭାରିଯାନ ଗଲାବେଳକୁ ସ୍ଲାବ୍ ଭାଙ୍ଗିପଡୁଛି। ଏ ନେଇ ସେ ଠିକାସଂସ୍ଥା କର୍ତ୍ତୃପକ୍ଷ ଏବଂ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ହିତେନ୍ଦ୍ରଙ୍କ କହିବା କଥା, ପରଜଙ୍ଗ ବ୍ଲକ ପିତିରି ଛକଠାରୁ କାମାକ୍ଷାନଗର ମାଳପୁରା ଯାଏ କୁନାଲ ଠିକାସଂସ୍ଥା କାମ କରୁଥିବାବେଳେ ମାଳପୁରାଠାରୁ ସୁକିନ୍ଦା ଯାଏ ବାଲାଜୀ ଠିକାସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ରାସ୍ତା ନିର୍ମାଣ କିପରି ହେବ, ଏଥିରେ ସାମଗ୍ରୀର ଅନୁପାତ କେତେ ରହିବ ଏବଂ କେଉଁ କେଉଁ ସାମଗ୍ରୀ ଲାଗିବ ସେ ସମ୍ପର୍କିତ କୌଣସି ସୂଚନା ଫଳକ କାର୍ଯ୍ୟସ୍ଥଳରେ ଲଗାଯାଉନାହିଁ। ମାଳପୁରା ଗ୍ରାମ ନିକଟରେ ଠିକା କମ୍ପାନୀ ପକ୍ଷରୁ ଓଭରବ୍ରିଜ୍ କାମ ଚାଲିଛି। ଏଥିସହ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରାଯିବା ସହ ସ୍ଲାବ୍ ଦ୍ୱାରା ଘୋଡ଼ଣି ବ୍ୟବସ୍ଥା କରାଯାଇଛି। ହେଲେ ଏହି ସ୍ଲାବ୍ ତିଆରିରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଛି। ଅଞ୍ଚଳବାସୀ ପ୍ରତିବାଦ କଲେ କେହି ଶୁଣୁନାହାନ୍ତି। ଶୁକ୍ରବାର ଡ୍ରେନ୍‌ର ସ୍ଲାବ୍ ଦେଇ ଏକ ଇଟା ବୋଝେଇ ଟ୍ରାକ୍ଟର ଯାଉଥିବାବେଳେ ଏହା ଭାଙ୍ଗିଯାଇଥିଲା। ଫଳରେ ଟ୍ରାକ୍ଟରଟି ଡ୍ରେନ୍ ଭିତରକୁ ଖସିଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସୌଭାଗ୍ୟବଶତଃ ଚାଳକ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। ହିତେନ୍ଦ୍ର ଘଟଣାସ୍ଥଳରେ ପହଞ୍ଚି କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଏପରି ନିମ୍ନମାନର କାର୍ଯ୍ୟ ସମ୍ପର୍କରେ ଜଣାଇଥିଲେ। ହେଲେ କେହି ଏହାକୁ ଗୁରୁତ୍ୱ ଦେଉ ନ ଥିବା ସେ କହିଛନ୍ତି। ଏ ନେଇ ଜିଲା ସେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ଏ ସଂକ୍ରାନ୍ତରେ ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ କୁହନ୍ତି, ଏହା ଆମ ବିଭାଗର କାର୍ଯ୍ୟ ନୁହେଁ। ତଥାପି ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯିବ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ